

ଉପକାର କରି କୌଣସି ଆଶା ରଖିବା ନିଜର ସତ୍‌କର୍ମ ଉପରେ ଆସ୍ଥା ଆଣିବା ଛଡ଼ା ଅନ୍ୟ କିଛି ନୁହେଁ।
- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ପକ୍ଷରୁ 'ସଂଘର୍ଷକୁ ସଲାମ' ସାଇକେଲ ର‌୍ୟାଲି, କଳିଙ୍ଗ ବିହାର-ଉତ୍କଳ ମଣ୍ଡପ, ସକାଳ ୮ଟା। ସଲାମ ଉତ୍ସବ, ଉତ୍କଳ ମଣ୍ଡପ, ପୂର୍ବାହ୍ନ ୧୧ଟା ୩୦।
- ୟୁନାଇଟେଡ ଏରୋ ସ୍ପୋର୍ଟସ୍‌ର ସାଧାରଣ ବୈଠକ, ପ୍ରେସିଡେନ୍ସି ହୋଟେଲ, ନୟାପଲ୍ଲୀ, ପୂର୍ବାହ୍ନ ୧୦ଟା ୩୦।
- ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ଉତ୍କଳ ଫଟୋଗ୍ରାଫୀ କ୍ଲବ ପକ୍ଷରୁ ଚିତ୍ରବର୍ଣ୍ଣାଳୀ, ଲଳିତକଳା ଏକାଡେମୀ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ପକ୍ଷରୁ ଶିଳ୍ପୀ କଥା ଓ ଭିଡିଓ ପ୍ରଦର୍ଶନ, ଗ୍ୟାଲେରୀ ପରିସର, ପ୍ଲଟ ନଂ ୧୩୨, ଫରେଷ୍ଟ ପାର୍କ, ଅପରାହ୍ନ ୫ଟା ୩୦।
- ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ଆନ୍ତର୍ଜାତିକ ଦୁର୍ନୀତି ବିରୋଧୀ ଦିବସ ପାଳନ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୫ଟା ୩୦।
- ନୃତ୍ୟମନ୍ଦିର ଇନଷ୍ଟିଚ୍ୟୁଟର ୧୧ତମ ବାର୍ଷିକ ଉତ୍ସବ ଓ ନୃତ୍ୟ ପ୍ରତିଭା ସମ୍ମାନ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଶ୍ରୀଅରବିନ୍ଦ ସଂସ୍କୃତି ସଂସଦର ସ୍ୱର୍ଣ୍ଣ ଜୟନ୍ତୀ ଓ ଶିକ୍ଷା ସମ୍ବନ୍ଧୀୟ ସମ୍ମିଳନୀ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃବିହାର, ଖଣ୍ଡଗିରି, ସନ୍ଧ୍ୟା ୬ଟା ୪୫।

**ଖୋର୍ଦ୍ଧା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଗୁରୁଜଙ୍ଗ କପ କ୍ରିକେଟର ୨ୟ ଲିଗ୍ ମ୍ୟାଚ କଳିଙ୍ଗ ବନାମ ବାଙ୍କୀ, ଗୁରୁଜଙ୍ଗ ଖେଳପଡିଆ, ମଧାହ୍ନ ୧୨ଟା।

**ବାଲିଅନ୍ତା**

- ଶ୍ରୀ ମହାବୀରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, ବେଣୁପୁର ମହାବୀର ମନ୍ଦିର ନିକଟ, ସକାଳ ୯ଟା।

## ରାସ୍ତାରେ ଜଳିଗଲା କାର୍ ଅଳ୍ପକେ ବର୍ତ୍ତିଲେ ୪ ଯାତ୍ରୀ



**ଭୁବନେଶ୍ୱର, ୮।୧୨(ବ୍ୟୁରୋ):** ଜୟଦେବ ବିହାରସ୍ଥ କଳିଙ୍ଗ ଷ୍ଟାଡିୟମ୍ ସମ୍ମୁଖ ରାସ୍ତାରେ ରବିବାର ଏକ କାର୍ (ଓଆର୍ ୦୫ ଏୟୁ-୪୦୪୧)ରେ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ଏଥିରେ ବସିଥିବା ୪ଜଣ ଯାତ୍ରୀ ଜୀବନ ବିକଳରେ ଓହ୍ଲାଇ ଦୌଡିଥିଲେ। ଚାହୁଁ ଚାହୁଁ କାର୍‌ଟି ଜଳିଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିଲେ।

ସୂଚନା ଅନୁଯାୟୀ, ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଉକ୍ତ କାର୍‌ରେ ୪ଜଣ ଯାତ୍ରୀ କଟକରୁ ଭୁବନେଶ୍ୱର ଆସିଥିଲେ। ଅପରାହ୍ନ ପ୍ରାୟ ୨ଟାରେ କଳିଙ୍ଗ ଷ୍ଟାଡିୟମର ୮ନମ୍ବର ଗେଟ୍ ସମ୍ମୁଖରେ କାର୍‌ଟି ହଠାତ ଜଳିଯାଇଥିଲା। ଡ୍ରାଇଭର ସମେତ ଅନ୍ୟ ୩ଜଣ ବାହାରି ଦୌଡ଼ିଥିଲେ। ଗାଡ଼ିର ଆଗ ଇଞ୍ଜିନରୁ ନିଆଁ ଉଠି କାର୍‌ଟି ଅଧା ପୋଡ଼ିଯାଇଥିଲା। ଅଗ୍ନିଶମ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଗାଡ଼ିର ବ୍ୟାଟେରି ଶର୍ଟସର୍କିଟ ଯୋଗୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଏହି ଗାଡ଼ିର ମାଲିକ କେ.ସି. ନାୟକ ବୋଲି ଜଣାପଡ଼ିଛି।

## ମିଶନ ଶକ୍ତି ମେଳା

# ଆକର୍ଷଣ ସାଜିଛି ଏସ୍‌ଏଚ୍‌ଜି ମହିଳାଙ୍କ ପସରା

**ଭୁବନେଶ୍ୱର, ୮।୧୨(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଆୟୋଜିତ ମିଶନ ଶକ୍ତି ମେଳାରେ ସମଗ୍ର ରାଜ୍ୟରୁ ଆସିଥିବା ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଆକର୍ଷଣ ସାଜିଛି। ଢେଙ୍କାନାଳ ଡୋକ୍ରା କାରୁକାର୍ଯ୍ୟରୁ ଆରମ୍ଭକରି କନ୍ଧମାଳ ହଳଦୀ, ରାୟଗଡ଼ା ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ଫଳ ଓ ପନିପରିବା ସମେତ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ଆଚାର, ଚଟଣି, ମସଲା ଗୁଣ୍ଡ ଆଦି ସବୁକିଛି ଏହି ଗୋଟିଏ ସ୍ଥାନରେ ମିଳୁଛି। ମିଶନ ଶକ୍ତି ନିର୍ଦ୍ଦେଶାଳୟ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ପ୍ରଦର୍ଶନୀ ପଡିଆରେ ଚାଲିଥିବା ଏହି ମେଳାରେ ୨୫୧ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ, ହସ୍ତଶିଳ୍ପ, ଜଙ୍ଗଲଜାତ ଦ୍ରବ୍ୟ, ଖାଦ୍ୟ ସାମଗ୍ରୀ, ମସଲା ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ହେଉଛି।



ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର ବିଭିନ୍ନ ଷ୍ଟଲ୍ ବୁଲି ଦେଖୁଛନ୍ତି।

### ଶୋ' ଷ୍ଟପର୍ 'ମ୍ୟାଙ୍ଗୋ ସ୍କ୍ୱାଶ୍'

ଭୁବନେଶ୍ୱରରେ ପ୍ରଥମଥର ପାଇଁ ଏହି ମେଳାରେ ମିଳୁଛି ମ୍ୟାଙ୍ଗୋ ସ୍କ୍ୱାଶ୍ ବା ଭେଜିଟେବୁଲ ପିୟର୍। ଜନଜାତି ଭାଷାରେ 'ବେଲର ବାଇଗଣ' ଭାବେ ଜଣାଶୁଣା ଏହି ପରିବାର ନାଁ ଯେପରି ନିଆରା ଏହାର ସ୍ୱାଦ ମଧ ସେଭଳି ଭିନ୍ନ। ପାହାଡ଼ିଆ ଅଞ୍ଚଳରେ ଆଦିମ ଜନଜାତିଙ୍କ ଦ୍ୱାରା ଚାଷ ହେଉଥିବା ଏହି ପରିବା ମଧ ଆମେରିକୀୟ ଅଞ୍ଚଳର ଏକ ଲୋକପ୍ରିୟ ଖାଦ୍ୟ। ଭିଟାମିନ୍ ବି, ଭିଟାମିନ୍ ସି, ପୋଟାସିୟମ ଓ ଆମିନୋ ଏସିଡ୍‌ରେ ପରିପୂର୍ଣ୍ଣ ଏହି ପରିବା ମିଶନ ଶକ୍ତି ମେଳାର ଶୋ' ଷ୍ଟପର୍ ସାଜିଛି। ଦେଖିବାକୁ ଚକୋଲେଟ୍, ଫଳ ଓ ପିଜୁଳି ଭଳି ଲାଗୁଥିବା ଏହି 'ବେଲର ବାଇଗଣ'ର ସ୍ୱାଦ ପାଟିକୁ କାକୁଡ଼ି ଭଳି ଲାଗେ। ରାୟଗଡ଼ା ନିୟମଗିରିରୁ ରମାବାଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହାକୁ ଆଣିଥିବାବେଳେ ରାଜଧାନୀର ଲୋକଙ୍କ ମଧ୍ୟରେ ଏହାକୁ ନେଇ ବିଶେଷ ଉତ୍ସାହ ଦେଖିବାକୁ ମିଳୁଛି। ମେଳା ବୁଲିବାକୁ ଆସୁଥିବା ଲୋକେ ଏହି ଷ୍ଟଲ୍ ପାଖରେ ସବୁଠାରୁ ଅଧିକ ଭିଡ଼ ଲଗାଉଛନ୍ତି। କିଏ ଚାଖିବାକୁ ଗୋଟିଏ ଦୁଇଟି ନେଉଛି ତ ଅଉ କେହି ଅଧାକେଜି, କେଜିଏ ନେଉଛି। କିଲୋପିଛା ମାତ୍ର ୪୦ ଟଙ୍କାରେ ବିକ୍ରି ହେଉଥିବା ଏହି ମ୍ୟାଙ୍ଗୋ ସ୍କ୍ୱାଶ୍‌କୁ ନିୟମଗିରିର ଡଙ୍ଗରିଆ କନ୍ଧମାନେ ଚାଷ କରିଥାନ୍ତି। କଞ୍ଚାରେ ଖାଇବା ସହ ଏହାକୁ ଭଜା ଓ ତରକାରିରେ ମଧ ପକାଯାଏ ବୋଲି ଏହାକୁ ବିକ୍ରି କରୁଥିବା ସୁରୁମା କରକିଆ କହିଛନ୍ତି। କେବଳ ଏହି ମେଳା ନୁହେଁ, ରାଜ୍ୟ ଏବଂ ରାଜ୍ୟ ବାହାରେ ହେଉଥିବା ବିଭିନ୍ନ ମେଳାରେ ତାଙ୍କର ଏହି ବାଇଗଣକୁ ନେଇ ଲୋକଙ୍କ ମଧରେ ବିଶେଷ ଚାହିଦା ରହିଥାଏ। ଗତ ୩ ଦିନରେ ଆମର ୪ରୁ ୫ବସ୍ତା ବାଇଗଣ ବିକ୍ରି ହୋଇ ସାରିଥିବାରୁ ଆହୁରି ମଗାଇଛୁ ବୋଲି ସେ କହିଛନ୍ତି। ଏହାବ୍ୟତୀତ ତାଙ୍କ ଷ୍ଟଲ୍‌ରେ ଥିବା ଅଦିନିଆ ସପୁରୀ, କଞ୍ଚା ଓ ଶୁଖିଲା ଶିକାକାଇ, ଖମ୍ବଆଳୁ, ଶିମ୍ବ, ଦେଶୀ କଞ୍ଚାକଦଳୀ, ଶୁଖିଲା ହଳଦୀ, ମାଣ୍ଡିଆ ସମେତ ବିଭିନ୍ନ ପ୍ରକାରର ଡାଲି କିଣିବାକୁ ପ୍ରବଳ ଭିଡ଼ ଜମୁଛି।



### ମାଣ୍ଡିଆ କାଫେରେ 'ମାଣ୍ଡିଆ ବିରିୟାନୀ'

କୌଣସି ତାରକା ହୋଟେଲ କିମ୍ବା ବଡ଼ ରେଷ୍ଟୁରାଣ୍ଟ ନୁହେଁ, କେବଳ ମହିଳାଙ୍କ ଦ୍ୱାରା ଦେଶୀ ଶୈଳୀରେ ପ୍ରସ୍ତୁତ ଘର ତିଆରି ଖାଦ୍ୟ ମିଶନ ଶକ୍ତି ମେଳା ଫୁଡ୍‌ଷ୍ଟଲ୍‌ର ମୁଖ୍ୟ ଆକର୍ଷଣ ସାଜିଛି। ଅଧିକାଂଶ ମେଳା, ମହୋତ୍ସବରେ ବିଦେଶୀ ଓ ଫାଷ୍ଟ୍‌ଫୁଡ୍ ଖାଦ୍ୟ ବିକ୍ରି ହେଉଥିବା ବେଳେ ଏଠାରେ ମିଳୁଛି ମାଣ୍ଡିଆରେ ପ୍ରସ୍ତୁତ ସାଦା ଓ ଚିକେନ୍ ବିରିୟାନୀ। ମେଳାରେ ସ୍ୱତନ୍ତ୍ର ଭାବେ ଏକ 'ମାଣ୍ଡିଆ କାଫେ' ଖୋଲିଛି। ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ମିଲେଟ୍ ବା ମାଣ୍ଡିଆରୁ ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ ଲୋକଙ୍କୁ ଆକର୍ଷିତ କରୁଛି। ଦେଶୀ ଓ ବିଦେଶୀ ତଡ୍‌କା ସାଙ୍ଗକୁ ଏଠାରେ ପ୍ରସ୍ତୁତ ହେଉଛି ମାଣ୍ଡିଆ ଚିକେନ୍ ପକୋଡା, ମାଣ୍ଡିଆ ସ୍ୟାଣ୍ଡୱିଚ୍, ମାଣ୍ଡିଆ ବରା, ମାଣ୍ଡିଆ ଆଳୁଚପ୍। ମାଣ୍ଡିଆରୁ ପ୍ରସ୍ତୁତ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ପ୍ରକାରର ଖାଦ୍ୟ ଏଠାରୁ ଗ୍ରାହକ ପାଇପାରୁଥିବା ବେଳେ ମାଣ୍ଡିଆ ସାଦା ଓ ଚିକେନ୍ ବିରିୟାନୀର ଚାହିଦା ସବୁଠାରୁ ଅଧିକ ରହିଛି। ସେହିଭଳି ଜନଜାତି ମହିଳାଙ୍କ ଦ୍ୱାରା ସୁଆଁ, କାଙ୍ଗୁ, ଜହ୍ନା, ବାଜରା, ଚିନା, ଖୀରା ଓ ଚାଉଳରୁ ପ୍ରସ୍ତୁତ ଅନେକ ସାମଗ୍ରୀ ଏଠାରୁ ମିଳୁଛି। ତ୍ରିଶକ୍ତି ମହିଳା ପରିଷଦ ପକ୍ଷରୁ ପ୍ରସ୍ତୁତ ହେଉଥିବା ଏହି ଖାଦ୍ୟରେ ମଇଦା ଓ କର୍ନଫ୍ଲୋର ପରିବର୍ତ୍ତେ ମାଣ୍ଡିଆ ବ୍ୟବହାର କରାଯାଉଛି। ଏଥିପାଇଁ ଏନ୍‌ସିଡିସି ପକ୍ଷରୁ ୨୦ଜଣ ମହିଳାଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯାଇଛି। ଏହାବ୍ୟତୀତ ବାରିପଦା ମୁଢିମାଂସ, ନୟାଗଡ଼ ଛେନାପୋଡ଼, ବରା, ଆଳୁକଷା, ଚକୁଳି ଓ ମାଂସ ତରକାରି, ଅଣ୍ଡା ଚପ୍ ଆଦି ଏଠାରେ ମିଳୁଛି।

### 'ମଷ୍ଟାର୍ଡ ଶସ୍'କୁ ଟକ୍କର ଦେଉଛି 'ସୋରିଷ ଚଟଣି'

ସ୍ୟାଣ୍ଡୱିଚ୍‌ରୁ ଆରମ୍ଭକରି ବର୍ଗର, ପାସ୍ତା ପର୍ଯ୍ୟନ୍ତ ପାଶ୍ଚାତ୍ୟ ଖାଦ୍ୟ ସାମଗ୍ରୀରେ ମଷ୍ଟାର୍ଡ ଶସ୍ ଏକ ଲୋକପ୍ରିୟ ଇନ୍‌ଗ୍ରେଡିଏଣ୍ଟ୍। ତେବେ ଟମାଟୋ, ଚିଲି ଓ ଅନ୍ୟାନ୍ୟ ଶସ୍ ଭଳି ଏହି ଶସ୍ ଏବେ ଭାରତରେ ଲୋକ୍‌ପ୍ରିୟ ହୋଇଥିବାବେଳେ ଏହାର ଚାହିଦା ବେଶ୍ ଅଧିକ ରହୁଛି। କାଫେ, ରେଷ୍ଟୁରାଣ୍ଟରେ ଆଜିକାଲି ଏହା ଅଧିକ ବ୍ୟବହାର ହେଉଥିବାରୁ ବଡ଼ ବଡ଼ ଗ୍ରୋସରୀ ଓ ରିଟେଲ ଷ୍ଟୋର୍‌ରେ ବିଭିନ୍ନ ବ୍ରାଣ୍ଡ୍‌ର ମଷ୍ଟାର୍ଡ ଶସ୍ ଚଢା ଦାମ୍‌ରେ ବିକ୍ରି ହେଉଛି। ତେବେ ମିଶନ ଶକ୍ତି ମେଳାରେ ଏହି ମଷ୍ଟାର୍ଡ ଶସ୍‌କୁ ଟକ୍କର ଦେବାକୁ ଆସିଛି ଦେଶୀ ଉପାୟରେ ପ୍ରସ୍ତୁତ ସୋରିଷ ଚଟଣି। ଶତ ପ୍ରତିଶତ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ଏହି ଚଟଣି ସିଧା ଆସିଛି ଜେଜେ ମା'ଙ୍କ ରୋଷେଇଶାଳରୁ। ପାଟିକୁ ଚଟ୍‌ପଟା ସୁଆଦ ସହ କଡ଼ା ଲାଗୁଥିବା ଏହି ଚଟଣି ବିଦେଶୀ ମଷ୍ଟାର୍ଡ ଶସ୍‌ଠାରୁ ଅଧିକ ସୁସ୍ୱାଦୁ ହୋଇଥିବା ବେଳେ ଦାମ୍ ମଧ ବହୁତ କମ୍ ରହୁଛି। ସୁଦୂର ନୂଆପଡ଼ା ଜିଲା ସିଲେଟ୍‌ପାଣି ବ୍ଲକ୍ ସ୍ୱଂୟ ସହାୟକ ଗୋଷ୍ଠୀର ଯୁବତୀ ଓ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଚଟଣି ବ୍ୟତୀତ ପାଚିଲା ଲଙ୍କା,



କଞ୍ଚା ଲଙ୍କା, ବରକୋଳି, ଅଁଳା, ଆମ୍ବ, ଲେମ୍ବୁ, ପୋଦିନା ଓ ତେନ୍ତୁଳି ଚଟଣି ମଧ ପ୍ରଥମଥର ପାଇଁ ରାଜଧାନୀରେ ଦେଖିବାକୁ ମିଳୁଛି। ସମ୍ପୂର୍ଣ୍ଣ ଦେଶୀୟ ପଦ୍ଧତିରେ ହାତରେ ତିଆରି ହେଉଥିବା ଏହି ଚଟଣି ତିଆରିକରି ୨୩ ବର୍ଷୀୟ ବବିତା ମାଝି ରୋଜଗାରକ୍ଷମ ହୋଇପାରିଥିବା ବେଳେ ତାଙ୍କ ଗୋଷ୍ଠୀର ୧୬ଜଣ ମହିଳାଙ୍କୁ ଏହା ସ୍ୱାବଲମ୍ବୀ କରିପାରିଛି। ବର୍ଷତମାମ୍ ଏଭଳି ଚଟଣି ସହ ଭଳିକି ଭଳି ଆଚାର, ଡାଲ୍‌ମା ମସଲା, ବିଭିନ୍ନ ତରକାରି ମସଲା, ଜଙ୍ଗଲଜାତ ମହୁ ଆଦି ବିକ୍ରିକରି ସେମାନେ ବାହାରକୁ ପଠାଉଛନ୍ତି। ବିନା ପିଆଜ, ରସୁଣରେ ପ୍ରସ୍ତୁତ ହେଉଥିବା ଏହି ଚଟଣି ମିଶନ ଶକ୍ତି ବ୍ରାଣ୍ଡ ଓ ଲେବଲିଂ ଥିବା ସ୍ୱତନ୍ତ୍ର ବୋତଲରେ ବିକ୍ରି ହେଉଥିବାବେଳେ ଦାମ୍ ରହିଛି ମାତ୍ର ୬୦ଟଙ୍କା। ଫ୍ରିଜରେ ନ ରଖିଲେ ମଧ ବର୍ଷେ ପର୍ଯ୍ୟନ୍ତ ଏହାକୁ ସୁରକ୍ଷିତ ଭାବେ ଖାଇ ହେବ ବୋଲି ବବିତା କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

**ପୁରୁଣା ଭୁବନେଶ୍ୱର, ୮।୧୨(ଡି.ଏନ.ଏ.)**

ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ଜେନାସାହିରେ ରବିବାର ଅପରାହ୍ନରେ ବୈକୁଣ୍ଠ ପ୍ରଧାନ ନାମକ ଚାଷୀଙ୍କ ବିଦ୍ୟୁତ୍ ଆଘାତ ମୃତ୍ୟୁ ଘଟିଛି। ନିଜର ପରିବା ଚାଷକୁ ପାଣି ମୋଟର ସାହାଯ୍ୟରେ ପାଣି ମଡାଉଥିବା ସମୟରେ ଦୁର୍ଘଟଣାବଶତଃ ବିଦ୍ୟୁତ୍ ଆଘାତ ପାଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ରବିବାର ବଲିଉଡ୍ ଅଭିନେତା ଗୋବିନ୍ଦା ସ୍ତ୍ରୀଙ୍କ ସହ ଶ୍ରୀମନ୍ଦିରରୁ ଶ୍ରୀଜୀଉଙ୍କ ଦର୍ଶନ ସାରି ଫେରୁଛନ୍ତି ।

## ନାବାଳିକାଙ୍କୁ ପୋଡ଼ିବାକୁ ଉଦ୍ୟମ

**କଟକ ଅଫିସ,୮।୧୨**

**ଯୁବକ ଗିରଫ**

କଟକସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପେଟ୍ରୋଲ ଢାଳି ପୋଡ଼ିବା ଉଦ୍ୟମ କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଜଗନ୍ନାଥ ଦାସ। ଏ ନେଇ ପୋଲିସ ନଂ.୫୭୭/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଉକ୍ତ ନାବାଳିକାଙ୍କୁ ଜଗନ୍ନାଥ ଏକତରଫା ଭାବେ ପ୍ରେମ କରୁଥିଲେ। ନାବାଳିକା ଜଣକ ମନା କରି ଦେଇଥିବାରୁ ଯିବାଆସିବା ସମୟରେ ବାଟରେ ହଇରାଣ କରୁଥିଲେ। ଏପରିକି ଗତବର୍ଷ ଜଗନ୍ନାଥ ନାବାଳିକାଙ୍କ ଘରେ ପଶି ଅସଦାଚରଣ କରିବାକୁ ପଛାଇ ନ ଥିଲେ। ଏ ନେଇ ନାବାଳିକାଙ୍କ ପରିବାରବର୍ଗ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଓ ଗ୍ରାମବାସୀ ମିଶି ଉକ୍ତ ଘଟଣାର ଆପୋସ ସମାଧାନ କରିଥିଲେ। ଏହାପରେ ମଧ ସେ ନାବାଳିକାଙ୍କୁ ମନାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ତେଣୁ ଏହି ରାଗରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଜଗନ୍ନାଥ ନାବାଳିକାର ଘରେ ପଶି ନାବାଳିକାଜଣକ ଶୋଇଥିବା ସମୟରେ ପେଟ୍ରୋଲ ଢାଳି ପୋଡ଼ିଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପାଖରେ ଥିବା ଦୁଇ ସାନଭଉଣୀ ଉଠି ପାଟି କରିବାରୁ ଜଗନ୍ନାଥ ସାଙ୍ଗରେ ନେଇଥିବା ଏକ କାଠଫାଳିଆରେ ସେମାନଙ୍କୁ ବାଡେଇଥିଲା। ଏହାର ସୁଯୋଗ ନେଇ ନାବାଳିକା ଜଣକ ବାହାରକୁ ଆସି ପାଖରେ ଥିବା ଦାଦାଘରକୁ ଯାଇ ଘଟଣା ବିଷୟରେ କହିଥିଲେ। ଲୋକେ ଆସିଯିବାରୁ କୌଶଳକ୍ରମେ ସେଠାରୁ ଜଗନ୍ନାଥ ଖସି ପଳାଇଥିଲେ। ଏ ନେଇ ନାବାଳିକା ପରିବାର ଶନିବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଗା ବ୍ୟବହାର କରିଥିବା ଏକ ଜ୍ୟାକେଟ, କାଠଫାଳିଆ, ପେଟ୍ରୋଲ ବୋତଲକୁ ଜବତ କରିଛି। ଜଗନ୍ନାଥ ଘରେ ଥିବା ପୋଲିସ ଜାଣି ରବିବାର ଭୋରୁ ଚଢ଼ାଉ କରି ଗିରଫ କରିଥିବା ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସୁଶାନ୍ତ



ମିତାଲି



ମାମାଲି



ସତ୍ୟଜିତ



ଜ୍ୟୋତିରଞ୍ଜନ



ଲୋକେଶ



ବିଭୁତି



ସଞ୍ଜୟ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/


ପଗ୍


ବାସେଟ୍ ହାଉଣ୍ଡ


ଡାସହୁଣ୍ଡ


ବକ୍ସର


ଶି ଜୁ

# 'ଜାମ୍ପି'କୁ ବେଷ୍ଟ ଇନ୍ ଶୋ' ପୁରସ୍କାର


'ଜାମ୍ପି'


ଫ୍ରେଞ୍ଚ ବୁଲ୍‌ଡଗ୍


ଲାସା ଆପ୍ସୋ

# ସରିଲା ଡଗ୍ ଶୋ'

## ଭାଗ ନେଲେ ୩୮ ପ୍ରଜାତିର ୨୮୦ କୁକୁର

ଭୁବନେଶ୍ୱର, ୮।୧୨(ବ୍ୟୁରୋ)

କୁକୁର ହୋଇ ମଧ୍ୟ ମାଲିକ ପ୍ରତି ଥିବା ବିଶ୍ୱସନୀୟତା ପ୍ରତିପାଦିତ କରୁଥିଲେ। ମାଲିକଙ୍କ ଆଜ୍ଞାଧୀନ ହୋଇ ବିଚାରକଙ୍କ ସବୁ କଥାକୁ ମାନୁଥିଲେ ସେମାନେ। ଏଭଳି ଦେଖିବାକୁ ମିଳିଥିଲା ଡଗ୍ ଶୋ'ରେ। ରବିବାର ଶେଷ ହୋଇଯାଇଛି ଡଗ୍ ଶୋ'। ଓଡ଼ିଶା କେନେଲ କ୍ଲବ୍ ପକ୍ଷରୁ ଚାଲୁଥିବା ଏହି ଶୋ'ର ଉଦ୍‌ଯାପନୀ ଦିବସରେ ଥିଲା ଜାତୀୟସ୍ତରୀୟ ଅଲ୍ ବ୍ରିଡ୍‌ସ ଚମ୍ପିୟନ୍‌ଶିପ୍ ଡଗ୍ ଶୋ'। ବିଭିନ୍ନ ପ୍ରଜାତିର କୁକୁର ଭିନ୍ନ ଭିନ୍ନ ପୋଷାକରେ ସାଜସଜା ହୋଇ ପଡ଼ିଆରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ବିଚାରକଙ୍କ କଥା ମାନି ନିଜ ପାରଦର୍ଶିତା ଦେଖାଇଥିଲେ। କୁକୁରଙ୍କ ଏଭଳି ଚମତ୍କାର ଖେଳ ଦେଖି ଉପସ୍ଥିତ ଦର୍ଶକ ଭରପୂର ମଜା ନେଇଥିଲେ। ଏଥିରେ ଜର୍ମାନ ସେଫର୍ଡ, ପଗ୍, ଲାବ୍ରାଡର, ଗୋଲ୍ଡେନ୍ ରେଟ୍ରିଭର, ବେଲଜିଆନ ମାଲିନଏସ୍, ବକ୍ସର, ଆମେରିକାନ କକର ସ୍ପାନିଏଲ, ଡୋବରମ୍ୟାନ, ଡାଲମାସିଆନ, ଗ୍ରେଟ୍ ଡେନ୍, ଅକିତା, କାନ୍ କର୍ସୋ, ବୁଲ୍‌ମାସ୍ତିଫ, ପୋମେରିଆନ୍, ସାଇବେରିଆନ ହସ୍କି, ସେଣ୍ଟ ବର୍ନାଡ, ଶି ଜୁ, ବିଗଲ୍, ହ୍ୱିପେଟ୍, ମିନ୍ ପିନ୍, ଚିୱାୱା, ଚାଓ ଚାଓ, ଲାସା ଆପ୍ସୋ, ପଶ୍ମି, କାରାଭାନ୍ ହାଉଣ୍ଡ ସମେତ ୩୮ ପ୍ରଜାତିର ୨୮୦ କୁକୁର ଭାଗ ନେଇଥିଲେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ଶୋ'ରେ 'ସିପର୍କି' ପ୍ରଜାତିର ଏକ କୁକୁର ଭାଗ ନେଇଥିଲା। ଏହି ପ୍ରଜାତିର କୁକୁର ପ୍ରଥମ ଥର ପାଇଁ ଏହି ଶୋ'ରେ ନୁହେଁ ବରଂ ଭାରତରେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିଥିବାରୁ ଏହା ଉପରେ ସମସ୍ତଙ୍କ ନଜର ରହିଥିଲା। କୋଲକାତା, ବାଙ୍ଗାଲୁରୁ, ଉଟି, ତାମିଲନାଡୁ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ମହାରାଷ୍ଟ୍ର ସମେତ ଓଡ଼ିଶାର ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ବାଲେଶ୍ୱର, ସମ୍ବଲପୁରରୁ କୁକୁରମାନେ ଆସିଥିଲେ। ଭିନ୍ନ ଭିନ୍ନ ପ୍ରଜାତିର ବିଭିନ୍ନ ବର୍ଗରେ ପ୍ରତିଯୋଗିତା ହୋଇଥିଲା।


'ସିପର୍କି'

ଚଳିତ ବର୍ଷ କ୍ଲବ୍ ତା'ର ୫୯ ଓ ୬୦ ତମ ଜାତୀୟସ୍ତରୀୟ ଅଲ୍ ବ୍ରିଡ୍‌ସ ଚମ୍ପିଆନଶିପ୍ ଶୋ' କରିଥିଲା। ଏଥିରେ ସ୍ୱେଡେନ୍‌ରୁ ଇଭା ଲିଲ୍‌ଜେକ୍‌ଭିସ୍ତ ଓ ଲାଟଭିଆରୁ ରିତା ଖଡିକେ ସ୍କାଡିନା ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ। ବାଙ୍ଗାଲୋରର ରିତେଶ ମିତ୍ତଲଙ୍କ ଜର୍ମାନ ସେଫର୍ଡ 'ଜାମ୍ପି' ଉଭୟ ୫୯ତମ ଓ ୬୦ତମ ଜାତୀୟସ୍ତରୀୟ ଅଲ୍ ବ୍ରିଡ୍‌ସ ଚାମ୍ପିୟନଶିପ୍ ଶୋ'ରେ ବେଷ୍ଟ ଇନ୍ ଶୋ' ଭାବେ ପୁରସ୍କୃତ ହୋଇଥିଲା। କୋଲକାତାର ଦୀପଶିଖା ଆଦିତ୍ୟଙ୍କ ଡୋବରମ୍ୟାନ 'ଜାଇଲା' ୫୯ତମ ଜାତୀୟସ୍ତରୀୟ ଅଲ୍ ବ୍ରିଡ୍‌ସ ଚାମ୍ପିୟନଶିପ୍ ଶୋ' ଏବଂ କୋଲକାତାର ସୌରଭ ଚୌଧୁରୀଙ୍କ ଲାବ୍ରାଡର 'ଲାବ୍ରାମାରିନ' ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଶୋ' ସମ୍ପର୍କରେ କ୍ଲବ୍‌ର ଅବୈତନିକ ସମ୍ପାଦକ ସୁବ୍ରତ ପୃଷ୍ଟି କୁହନ୍ତି, ପ୍ରତିବର୍ଷ ପରି ଏଥର ମଧ୍ୟ ଶୋ' ଭଲରେ ସମ୍ପାଦିତ ହୋଇଛି। ଆମେ ଯାହ ଆଶା କରିଥିଲୁ ତାହା ହୋଇଛି। ଗତବର୍ଷଠାରୁ ଏଥର ଅଧିକ ପ୍ରଜାତିର ସଂଖ୍ୟକ କୁକୁର ଭାଗ ନେଇଥିଲେ।


ଲାବ୍ରାଡର 'ଲାବ୍ରାମାରିନ'


ଡୋବରମ୍ୟାନ 'ଜାଇଲା'


ମିନ୍ ପିନ୍


ଆମେରିକାନ୍ କକର ସ୍ପାନିଏଲ


ସେଣ୍ଟ ବର୍ନାଡ


ବୁଲ୍‌ଡଗ୍


ପଶ୍ମି


ଅକିତା


ଡାଲମାସିଆନ


ଫକ୍ସ ଟେରିୟର


କାରାଭାନ୍ ହାଉଣ୍ଡ


ରଟ୍‌ୱିଲର୍ ସହ ପିଲାମାନେ


ପୋମେରିଆନ୍


ଇଂଲିଶ ମାସ୍ତିଫ


ଲାବ୍ରାଡର


ଡଗ୍ ଶୋ'ରେ ଭାଗ ନେଇଥିବା ବିଭିନ୍ନ ପ୍ରଜାତିର କୁକୁର



ଗୋଟିଏ ମାଆ ଲକ୍ଷେ ଧର୍ମ ଉପଦେଷ୍ଟାଙ୍କ ସଙ୍ଗେ ସମାନ। -ସକ୍ରେଟିସ୍



## ସଂକ୍ଷେପରେ

### କଲ୍ ସେଣ୍ଟରରେ ଯୁବତୀଙ୍କୁ ନିର୍ଯାତନା

**ଭୁବନେଶ୍ୱର,୮।୧୨:** ଏକ ଘରୋଇ କଲ ସେଣ୍ଟରରେ ଜଣେ ଯୁବତୀଙ୍କୁ ଅଫିସର ଜଣେ ଉଚ୍ଚ ଅଧିକାରୀ ଯୌନ ନିର୍ଯାତନା ଦେଇଥିବା ରବିବାର ମହିଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କିନ୍ତୁ ନିର୍ଯାତନା ଦେଉଥିବା ଅଧିକାରୀଜଣକ ଫୋନ ବନ୍ଦ କରି ଫେରାର ଅଛନ୍ତି। ଏ ନେଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସୂଚନାଯୋଗ୍ୟ, ଯୁବତୀ ଜଣକ ଶହୀଦ ନଗର ଥାନା ରୂପାଲୀ ଛକ ନିକଟରେ ଥିବା ଏକ କଲ ସେଣ୍ଟରରେ କାମ କରନ୍ତି। କିନ୍ତୁ ଦୀର୍ଘ ଦିନ ହେବ ଅଫିସର ଜଣେ ଅଧିକାରୀ ବିଭିନ୍ନ ସମୟରେ ନିଜ ଚାମ୍ବରକୁ ଡାକି ଅଶ୍ଳୀଳ ବ୍ୟବହାର କରିଥାନ୍ତି। ଯୁବତୀ ଜଣକ ଏହାକୁ ବିରୋଧ କଲେ ଚାକିରିରୁ ବିଦା କରିଦେବାର ଧମକ ଦେଇଆସୁଥିଲେ। ଅଧିକାରୀଙ୍କ ଏଭଳି ବ୍ୟବହାର ଦିନକୁ ଦିନ ବଢୁଥିବାରୁ ଅସହ୍ୟ ହୋଇଯାଇଥିଲା। ଶେଷରେ ଯୁବତୀ ଜଣକ ସହ୍ୟ ନ କରି ଥାନାରେ ଅଭିଯୋଗ କରିଥିଲେ।

### ଠକେଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

**ପୁରୁଣା ଭୁବନେଶ୍ୱର, ୮।୧୨ (ଡି.ଏନ.ଏ.):** ଧଉଳି ଥାନା ପୋଲିସ ଜମି ଦେବାକୁ କହି ଠକେଇ କରିଥିବା ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଟଙ୍କପାଣି ରୋଡସ୍ଥିତ ଶୁଭଶ୍ରୀ ଭଞ୍ଜଙ୍କୁ ଖଣ୍ଡଗିରିଠାରେ ଜମି କରାଇ ଦେବାକୁ କହି ନୂଆଗାଁ ନିକଟ ଇନ୍ଦିରାକଲୋନୀର କୈଳାସ ଚନ୍ଦ୍ର ସାହୁ ୧ ଲକ୍ଷ ଟଙ୍କା ଠକେଇ କରିଥିଲେ। ଥାନାରେ ଶୁଭଶ୍ରୀଙ୍କ ଏତଲାକୁ ଆଧାରରେ କୈଳାସଙ୍କୁ ପୋଲିସ ଗିରଫ କରିଥିଲା। ନଭେମ୍ବର ୨ ତାରିଖରେ ଏ ନେଇ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ନଂ. ୧୭୦/୧୯ରେ ମାମଲା ରୁଜୁ କରିଥିଲା।

### ବଳାତ୍କାର ଘଟଣା: ଜେଲ୍ ଗଲେ ଅଭିଯୁକ୍ତ

ଭୁବନେଶ୍ୱର, ୮।୧୨(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ୭ବର୍ଷୀୟା ଶିଶୁକୁ ବଳାତ୍କାର ଘଟଣାରେ ଅଭିଯୁକ୍ତ ଜଟିଆ ପିଙ୍ଗୁଆ(୪୮)ଙ୍କୁ ରବିବାର ପୋଲିସ ଗିରଫ କରିଛି। ଏଥିସହ ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ଜଟିଆଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଶନିବାର ଅପରାହ୍ନ ୪ଟାରେ ଶିଶୁ ଜଣକ ଟ୍ୟୁଶନରୁ ଘରକୁ ଫେରିବାବେଳେ ଜଟିଆ ତାକୁ ଚକୋଲେଟ ଦେବା ଆଳରେ ନିଛାଟିଆ ସ୍ଥାନକୁ ଡାକି ନେଇ ବଳାତ୍କାର କରି ଫେରାର ହୋଇଯାଇଥିଲେ। ପୀଡ଼ିତାଙ୍କ ପରିବାର ଲୋକେ ଏହା ଜାଣିବା ପରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୪୯୩/୧୯ ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରିବାରୁ ସେ ଘଟଣା ସମ୍ପର୍କରେ ସ୍ୱୀକାର କରିଛି। ଜଟିଆ ବିବାହିତ ବୋଲି ଜଣାପଡ଼ିଛି।

■ଆତଙ୍କରାଜ, ଦାଦାବଟି ଆଦାୟ ଅଭିଯୋଗ

# ଯୁବ କଂଗ୍ରେସ ନେତା ଗିରଫ

**କଟକ ଅଫିସ, ୮।୧୨**

■ ବନ୍ଧୁକ ଜବତ
■ ମହିଳାଙ୍କ ସମେତ ୪ ସହଯୋଗୀଙ୍କୁ ବାନ୍ଧିଲା ପୋଲିସ

ଖ୍ରୀଷ୍ଟ ମହାବିଦ୍ୟାଳୟ ଓ ବକ୍ସିବଜାର ଅଞ୍ଚଳରେ ଆତଙ୍କରାଜ ଚଳାଇବା ଏବଂ ଦାଦାବଟି ଆଦାୟ କରିବା ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ଯୁବ କଂଗ୍ରେସ ନେତା ସେକ୍ ଗୁଲଜାର(୩୪)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏହାସହ ତାଙ୍କ ୪ ସହଯୋଗୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଗୁଲଜାରଙ୍କ ନିକଟରୁ ପୋଲିସ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ୬.୭ ଏମ୍ଏମ୍ ଗୁଳି ଜବତ କରିଛି। ଗୁଲ୍‌ଜାର କଟକ ଲୋକ ସଭା ଯୁବ ନିର୍ବାଚନୀମଣ୍ଡଳୀର ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ। କିନ୍ତୁ ସେ ଏବେ କଂଗ୍ରେସର କୌଣସି ପଦପଦବୀରେ ନ ଥିବା ନଗର କଂଗ୍ରେସ ସଭାପତି ତଥା ବିଧାୟକ ମହମ୍ମଦ ମୋକିମ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ ଗୁଲଜାର ଖ୍ରୀଷ୍ଟ ମହାବିଦ୍ୟାଳୟ ଛାତ୍ରମାନଙ୍କୁ ଭୟଭୀତ କରି ସେମାନଙ୍କଠାରୁ ଦାଦାବଟି ଆଦାୟ କରୁଥିଲେ। ଶନିବାର ସେଲଟର ଛକ ଅଞ୍ଚଳର ଛାତ୍ର ଅଭିଜିତ ଦାସ ଗୁଲଜାରଙ୍କ ବିରୋଧରେ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଅଭିଜିତ୍‌ଙ୍କ ଅଭିଯୋଗ ମୁତାବକ ଗୁଲଜାର ଓ ତାଙ୍କ ସହଯୋଗୀମାନେ ଆସନ୍ତା ନୂଆବର୍ଷ ପାଳନ ପାଇଁ ତାଙ୍କୁ ଦାଦାବଟି ମାଗିଥିଲେ। ଦାଦାବଟି ଦେବାକୁ ମନା କରିବାରୁ ଗୁଲଜାର ଓ ତାଙ୍କ ସାଥୀ ଅଭିଜିତଙ୍କୁ ଆକ୍ରମଣ କରିବା ସହ ବନ୍ଧୁକ ଦେଖାଇ ବକ୍ସିବଜାର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଥିଲେ। ଫଳରେ ସ୍ଥାନୀୟ ଦୋକାନବଜାର ବନ୍ଦ ହୋଇଯାଇଥିଲା। ଅଭିଜିତଙ୍କ ଅଭିଯୋଗ ପରେ ପୋଲିସ ଗୁଲଜାରଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। କିନ୍ତୁ ଜଣେ ମହିଳା ଡିସିପିଙ୍କ ଅଫିସକୁ ଫୋନ କରି ନିଜକୁ କଟକର ଜଣେ ପୂର୍ବତନ ଏମ୍‌ପିଙ୍କ ବୋହୂ ବୋଲି ପରିଚୟ ଦେଇ ଗୁଲଜାରଙ୍କୁ ନ ଧରିବା ପାଇଁ ନାନା ଧମକଚମକ ଦେଇଥିଲେ। ଏ ନେଇ ଡିସିପିଙ୍କ କାର୍ଯ୍ୟାଳୟର କନଷ୍ଟେବଲ ଜ୍ୟୋତିର୍ମୟୀ ପଣ୍ଡାଙ୍କ ଅଭିଯୋଗ କ୍ରମେ ପୋଲିସ ପୁରୀଘାଟ ଥାନା ପୋଲିସ କାଠଗଡ଼ାସାହିର ଗୀତାଞ୍ଜଳି ପଣ୍ଡା(୪୦)ଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁଲଜାରଙ୍କ ଅନ୍ୟ ୩ଜଣ ସହଯୋଗୀ ଅଭିଜିତଙ୍କ ଭାଇଙ୍କୁ ଧମକ ଦେବା ଅଭିଯୋଗରେ ପୋଲିସ ସେମାନଙ୍କୁ ଗିରଫ କରିଛି। ଅଭିଜିତ ଏତଲା ପ୍ରତ୍ୟାହାର କରିବା ଓ ଆପୋସ ସମାଧାନ ପାଇଁ ସେମାନେ ତାଙ୍କ ଭାଇଙ୍କୁ ଧମକ ଦେଇଥିଲେ। ଏ ନେଇ ଅଭିଜିତଙ୍କ ଭାଇ ପ୍ରସନ୍ନଜିତ ବିଡ଼ାନାସୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଫିରିଙ୍ଗି ବଜାର ଅଞ୍ଚଳର ସାହିଲ ପରଭେଜ, ବକ୍ସିବଜାର ଅଞ୍ଚଳର ସେକ୍ ଇମ୍ରାନ ଅହମ୍ମଦ ଏବଂ ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର ଅମରଜିତ୍ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁଲଜାରଙ୍କ ବିରୋଧରେ କଟକ ସହରର ବିଭିନ୍ନ ଥାନାରେ ୧୭ଟି ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।



ସୂଚନା ଭବନରେ ରବିବାର କସ୍ତୁରୀର ୨୧ତମ ବାର୍ଷିକୋତ୍ସବ ଅବସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଓ ଅନ୍ୟ ଅତିଥି ବୁଲି ଦେଖୁଛନ୍ତି।

## ସାଧୁ ବେଶରେ ଚୋରି କରି ୨ ଗିରଫ

**ଭୁବନେଶ୍ୱର, ୮।୧୨(ବ୍ୟୁରୋ)**

ଚୋରି ପାଇଁ ସାଧୁବେଶ ଭଳି ଅଭିନବ ଉପାୟ ଆପଣେଇବା ଶେଷରେ ମହଙ୍ଗା ପଡ଼ିଛି। ମିଠା କହି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ଘରେ କଳାକନା ବୁଲାଉଥିବା ୨ ଅଭିଯୁକ୍ତଙ୍କୁ ରବିବାର ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶର ରାଜା ଯୋଗୀ ଓ ସୁରେଶ ଯୋଗୀ। ଦୁହେଁ ଭୁବନେଶ୍ୱରସ୍ଥ ପଟିଆ ଷ୍ଟେଶନ ଅଞ୍ଚଳରେ ରହୁଥିଲେ। ସୂଚନା ମୁତାବକ, ଚୋରି କରିବା ପାଇଁ ରାଜା ଓ ସୁରେଶ ସାଧୁବେଶ ଧାରଣ କରୁଥିଲେ। ଗତ ଜୁଲାଇ ୧୬ତାରିଖ ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଦୁହେଁ ଡମଣା ଅଞ୍ଚଳର ଶରତ ଚନ୍ଦ୍ର ମଲ୍ଲିକଙ୍କ ଘରେ ପହଞ୍ଚିଥିଲେ। ତାଙ୍କ କବାଟ ବାଡ଼େଇ ପିଇବାକୁ ପାଣି ମାଗିଥିଲେ। ପାଣି ପିଇବା ପରେ ମିଠା କଥା କହି ସେମାନଙ୍କ ପ୍ରତି ଶରତଙ୍କ ମନରେ ମିଛ ବିଶ୍ୱାସ ଜନ୍ମାଇଥିଲେ। ଏହାପରେ ଭବିଷ୍ୟବାଣୀ କହିବା ନାଁରେ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ପୂଜାରେ ଆଖି ବନ୍ଦ କରି ବସିବାକୁ କହିଥିଲେ। ଶରତ ଓ ପରିବାର ଲୋକେ ଆଖି ବନ୍ଦ କରି ବସିବା ସମୟରେ ସେମାନେ ତାଙ୍କ ଘରୁ ୬ହଜାର ୫ଶହ ଟଙ୍କା, ଏକ ଏଲ୍ଇଡି ଟିଭି ନେଇ ଫେରାର ହୋଇଯାଇଥିଲେ। ଶନିବାର ଦୁହିଁଙ୍କୁ ଶରତ ଦେଖି ଫଟୋ ଉଠାଇ ପୋଲିସକୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ପଟିଆ ଷ୍ଟେଶନ ଅଞ୍ଚଳରୁ ଧରିଆଣି ତଦନ୍ତ ଆରମ୍ଭ କରିଥିଲା। ପଚରାଉଚରା ବେଳେ ସେମାନେ ଏଭଳି ଭାବେ ଚୋରି କରୁଥିବା କହିଥିଲେ। ଏ ନେଇ ପୋଲିସ ୪୯୨/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।

### ଦାଦାବଟିକୁ କେନ୍ଦ୍ରକରି ଆକ୍ରମଣ: ୨ ଗିରଫ

**ଭୁବନେଶ୍ୱର, ୮।୧୨(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳର ଏକ ଫାଷ୍ଟଫୁଡ ଦୋକାନୀଙ୍କୁ ମାଡ଼ ମାରି ଦାଦାବଟି ମାଗିବା ଘଟଣାରେ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ସାଲିଆ ସାହି ଅଞ୍ଚଳର ଦୁର୍ଗାପ୍ରସାଦ ରଥ ଓ ବାପୁଜୀ ପ୍ରଧାନ। ସୂଚନା ମୁତାବକ, ଜୟଦେବ ବିହାର ଛକ ନିକଟରେ ପ୍ରତାପ ଦାସଙ୍କର ଏକ ଫାଷ୍ଟଫୁଡ ଦୋକାନ ରହିଛି। ଶନିବାର ରାତି ସାଢେ ୧୦ଟା ବେଳେ ୩ଟି ବାଇକରେ ୩ ଜଣ ଯୁବକ ପ୍ରଚୁର ମଦ୍ୟପାନ କରି ପହଞ୍ଚିଥିଲେ। ସେମାନେ ପ୍ରତାପଙ୍କୁ ୫ଲକ୍ଷ ଟଙ୍କା ଦାଦା ବଟି ଦେବାକୁ କହିଥିଲେ। ପ୍ରତାପ ମନା କରିବାରୁ ସେମାନେ ତାଙ୍କ ଦୋକାନର ଆସବାବପତ୍ର ଭଙ୍ଗାରୁଜା କରିବା ସହ ପ୍ରତାପଙ୍କୁ ମାଡ ମାରିଥିଲେ। ଏ ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ସହ ୨ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ପ୍ରତାପଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିବା ସହ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଷଣ୍ଢ ଆକ୍ରମଣରେ ୧୫ ଆହତ

**ବାଲିପାଟଣା,୮।୧୨(ଡି.ଏନ୍.ଏ)**

ଦୁରିନ୍ତିରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହାବୀର ଛକ ନିକଟରେ ଷଣ୍ଢ ଆକ୍ରମଣରେ ୧୫ଜଣ ଆହତ ହୋଇଛନ୍ତି। ସେଥିରୁ କେଳୁ ବିଶ୍ୱାଳ, ଦାମୋଦର ସେଠୀ, ସୁରେନ୍ଦ୍ର ସେଠୀ ଏବଂ ନରେନ୍ଦ୍ର ବିଶ୍ୱାଳ ଗୁରୁତର ଥିବାରୁ ପ୍ରଥମେ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ପଠଯାଇଛି। ଅନ୍ୟ ୧୧ଜଣ ସାମାନ୍ୟ ଆହତ ହୋଇଥିବାରୁ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଦୁଇଟି ଷଣ୍ଢ ମଧ୍ୟରେ ଲଢ଼େଇ ହେବାରୁ ଏଭଳି ଘଟିଛି ବୋଲି ସ୍ଥାନୀୟ ଲୋକେ କୁହନ୍ତି।

■ଟ୍ୟାଲେଣ୍ଟ ଅଲିମ୍ପିଆଡ୍ ୨୦୧୯

## ଅର୍ପିତା ମିଶ୍ର ୪ର୍ଥ ଯୁବ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

ହେରିଟେଜ୍ ଭିଜନ ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟସ୍ତରୀୟ 'ଟ୍ୟାଲେଣ୍ଟ ଅଲିମ୍ପିଆଡ୍ ୨୦୧୯'ର ଗ୍ରାଣ୍ଡ ଫିନାଲେ ରବିବାର ଓଡ଼ିଶୀ ଗବେଷଣା କେନ୍ଦ୍ର ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତିଯୋଗିତାର ବିଭିନ୍ନ ପର୍ଯ୍ୟାୟରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ନିର୍ମଳା କନ୍‌ଭେଣ୍ଟ ସ୍କୁଲର ଅର୍ପିତା ମିଶ୍ରଙ୍କୁ ରାଜ୍ୟର ଚତୁର୍ଥ ଯୁବ ପ୍ରଧାନମନ୍ତ୍ରୀ ଭାବେ ଘୋଷଣା କରାଯାଇଛି। ସେହିଭଳି ଉଭୟ ପୁରୀର ବିପାଶା ରାଜ୍ ଏବଂ କୋରାପୁଟର ଶୀତଲ ମହାନ୍ତଙ୍କୁ ପ୍ରଥମ ରନର୍ସଅପ୍ ଭାବେ ବିଚାରକ ମଣ୍ଡଳୀ ମନୋନୀତ କରିଛନ୍ତି। ଭୁବନେଶ୍ୱର ମଡର୍ନ ପବ୍ଲିକ ସ୍କୁଲର ସାର୍ଥକ ମୁଖାର୍ଜୀ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ସେହିପରି ଜୁନିୟର ବିଭାଗରେ ଆଶୁତୋଷ କର, ଅଦିତି ଖୁଣ୍ଟିଆ ଓ ସୌମ୍ୟରଞ୍ଜନ ପାତ୍ର ପ୍ରମୁଖଙ୍କୁ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ ଯଥାକ୍ରମେ ୫ହଜାର, ୪ହଜାର ଓ ୩ହଜାର ଟଙ୍କା ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ବିଜୟୀ ଯୁବ ପ୍ରଧାନମନ୍ତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ୧୫୦ ସ୍କୁଲର ୧୫ହଜାର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅନ୍ୟତମ ଅତିଥିଭାବେ ବରିଷ୍ଠ ନାଟ୍ୟକାର ଅନନ୍ତ ମହାପାତ୍ର, ଫାଉଣ୍ଡେଶନ ମୁଖ୍ୟ ମହେଶ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ମିହିର ପଟ୍ଟନାୟକ, ଅନ୍ୟତମ ଟ୍ରଷ୍ଟି ମନୋଜ ପଟ୍ଟନାୟକ ଓ ଶିଶିର ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଲେଖକ ସାମ୍ମୁଖ୍ୟର ମାସିକ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ଭୁବନେଶ୍ୱର,୮।୧୨**

ଲେଖକ ସାମ୍ମୁଖ୍ୟ ଓଡ଼ିଶାର ମାସିକ ସାହିତ୍ୟ ଆସର ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଡ.ବିଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଡ.ଅଜୟ କୁମାର ପଟ୍ଟନାୟକ ଯୋଗଦେଇ 'ଆଞ୍ଚଳିକ ସାହିତ୍ୟରେ ଅନୁବାଦର ପ୍ରାସଙ୍ଗିକତା' ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ଓଡ଼ିଶା ସାହିତ୍ୟର ସୃଜନଶୀଳ ଗନ୍ତାଘରକୁ ବିଶ୍ୱ ପାଠକ ମହଲରେ ପହଞ୍ଚାଇବାର ଏକ ମାତ୍ର ଉପାୟ ହେଉଛି ଅନୁବାଦ। ଲେଖକ ସାମ୍ମୁଖ୍ୟ ସମ୍ପାଦକ ଡ.କମଳା ପ୍ରସାଦ ମହାପାତ୍ର ସାହିତ୍ୟିକ ଉଦ୍ଧବ ଚରଣ ନାୟକ, ପ୍ରେମଲତା ଦେବୀ, ସୁଷମା ଲେଙ୍କା, ଡ.ଗଣେଶ ପ୍ରସାଦ ଦାସ, ଅର୍ଜୁନ ଚରଣ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁବାଦ ସାହିତ୍ୟକୁ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିବା ଉପରେ ଆଲୋଚନା କରିଥିଲେ। ଏହାପରେ ସୁଷମା ଲେଙ୍କା, ପ୍ରେମଲତା ଦେବୀ, ଗଣେଶ ପ୍ରସାଦ ଦାସଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଡ.ଗଣେଶ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।

## ଆଉଟରିଚ୍‌ର ପଞ୍ଚମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

ଆଉଟରିଚ୍‌ର ପଞ୍ଚମ ପ୍ରତିଷ୍ଠା ଦିବସ ରବିବାର ସ୍ଥାନୀୟ ରେଡ଼କ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଔପନାସିକ ବିଭୂତି ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଆଉଟରିଚ୍ ନିର୍ଦ୍ଦେଶକ ଅଖିଳ ମିଶ୍ର, ଅଧ୍ୟାପିକା ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀ, ପୂର୍ବତନ ରାଜ୍ୟସଭା ସଦସ୍ୟ ରବି ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଆଉଟରିଚ୍ ମୁଖ୍ୟ ସୁବ୍ରତ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ଆଉଟରିଚ୍‌ର ଷଷ୍ଠ ଆଙ୍କର୍ ଟ୍ରେନିଂ କ୍ୟାମ୍ପ୍ ଶୁଭାରମ୍ଭ କରିଛନ୍ତି। ଏହାସହ ଆଗାମୀ ଅନ୍ତର୍ଜାତୀୟ ରେଡ଼ିଓ ଦିବସ ଅବସରରେ ଆଉଟରିଚ୍ ପକ୍ଷରୁ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ରେଡ଼ିଓ ମେଳାର ନୂତନ ୱେବ୍‌ସାଇଟ୍ ମଧ୍ୟ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଛି। ବିଷ୍ଣୁପ୍ରିୟା ସାହୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

## ଛାତ୍ରଙ୍କୁ ଖଣ୍ଡାରେ ହାଣିଲେ

**ଭୁବନେଶ୍ୱର, ୮।୧୨(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ପ୍ରେମ ବିବାଦକୁ କେନ୍ଦ୍ରକରି ଜଣେ ବିବିଏ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ନୟାପଲ୍ଲୀ ଥାନା ଅନ୍ତର୍ଗତ ୮ ନମ୍ବର ଗୋପବନ୍ଧୁ କ୍ଲବ ନିକଟ ପାର୍କ ସମ୍ମୁଖରେ ରବିବାର ଏହି ଘଟଣା ଘଟିଛି। ସମ୍ପୃକ୍ତ ଛାତ୍ରଙ୍କ ଡାହାଣ ହାତ ଓ ପିଠିକୁ ଖଣ୍ଡାରେ ହାଣି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ମୁତାବକ, ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର ନସିଫ ମହମ୍ମଦ ଓ ତାଙ୍କର ଜଣେ ବନ୍ଧୁଙ୍କ ମଧ୍ୟରେ ଜଣେ ଯୁବତୀଙ୍କୁ ପ୍ରେମ କରିବାକୁ ନେଇ ବିବାଦ ଚାଲିଥିଲା। ଶନିବାର ସନ୍ଧ୍ୟା ୭ଟାରେ ନସିଫ ଜିମ୍ ଯାଉଥିବା ବେଳେ ଏକ ନମ୍ବର ବିହୀନ ଆଭିଏଟରରେ ଦୁଇ ଜଣ ତାଙ୍କ ପିଛା କରିଥିଲେ। ପରେ ଏକୁଟିଆ ଦେଖି ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ନସିଫଙ୍କୁ ଉଦ୍ଧାର କରାଯାଇ ନୟାପଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ମଉକା ଦେଖି ନସିଫଙ୍କ ଉପରେ ଆକ୍ରମଣ କରାଯାଇଥିବା ତାଙ୍କର ସମ୍ପର୍କୀୟ କହିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତନାଘନା ଚଳାଇଛି।

## କ୍ୟାମେରା ଭଡ଼ାରେ ଆଣି ବିକ୍ରି: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୮।୧୨(ବ୍ୟୁରୋ):** ଜାଲ୍ କାଗଜପତ୍ର ଦାଖଲ କରି କ୍ୟାମେରା ଭଡ଼ାରେ ଆଣି କମ୍ ଦାମ୍‌ରେ ବିକ୍ରି କରି ଫେରାର ହୋଇଯାଉଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ କ୍ୟାମେରା ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲା ବରୁଆ ଥାନା ଅଞ୍ଚଳର ଜୟପ୍ରକାଶ ମହାନ୍ତି। ସୂଚନା ମୁତାବକ, ଜୟପ୍ରକାଶ ଦାମୀ ଡିଜିଟାଲ କ୍ୟାମେରାର ଜାଲ୍ କାଗଜପତ୍ର ଦାଖଲ କରି ଭଡାରେ ଆଣୁଥିଲେ। ମାତ୍ର କ୍ୟାମେରା ଫେରାଇବା ବଦଳରେ ଅନ୍ୟତ୍ର ବିକ୍ରି କରି ଟଙ୍କାକୁ ଚଳୁ କରି ଦେଉଥିଲେ। ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ମନୋରଞ୍ଜନ ସାହୁଙ୍କଠାରୁ ସେ ଏକ ଡିଜିଟାଲ କ୍ୟାମେରା ଭଡାରେ ନେଇ ଫେରାର ହୋଇଯିବା ସହ ଫୋନ ନମ୍ବର ବଦଳାଇ ଦେଇଥିଲେ। ଏ ନେଇ ମନୋରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ୍ (ନଂ. ୬୩୯/୧୯) ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ପରୀକ୍ଷାଠୁ ପିକ୍‌ନିକ୍ ଯାଏ ଚାଲିଛି ଚର୍ଚ୍ଚା

**କ୍ୟାମ୍ପସ୍ ହାଲଚାଲ୍**



କଟକ ଅଫିସ,୮।୧୨- ସୋସିଆଲ ମିଡ଼ିଆ ସହ ଅଧିକ ମାତ୍ରାରେ ଜଡ଼ିତ ଯୁବପିଢ଼ି। ଏହି ଜରିଆରେ ଯୁବପିଢ଼ିଙ୍କ ପାଖରେ ଦେଶବିଦେଶର ଖବର ସବୁବେଳେ ମହଜୁଦ। ଘଟଣା ହେଉ କି ଦୁର୍ଘଟଣା, ଦେଶର ରାଜନୀତି ହେଉ କି ଅର୍ଥନୀତି। ସବୁ ପ୍ରସଙ୍ଗରେ ଯୁବପିଢି ଅଳ୍ପବହୁତେ ଜାଣନ୍ତି। ଏଭଳି ଏକ ଯୁବପିଢ଼ିଙ୍କ ସହ ଆଲୋଚନା କରିବାକୁ ଆମେ ଯାଇ ପହଞ୍ଚିଥିଲୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ। ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଗଣଯୋଗାଯୋଗ ବିଭାଗର ସ୍ନାତକୋତ୍ତର ଛାତ୍ରମାନେ ହେରିଟେଜ ହଲ୍ ନିକଟରେ କ୍ଲାସ ଶେଷକରି ଖଟି ଜମାଇଥିଲେ। ସେଠାରେ ସେମାନେ ଆଲୋଚନା କରୁଥିବା ବିଷୟବସ୍ତୁକୁ ନେଇ ଏହି ସ୍ୱତନ୍ତ୍ର ସ୍ତମ୍ଭ...

କ୍ୟାମ୍ପସରେ ସବୁଦିନ ଦେଖା ହୁଏନି। ଯେବେ ବି ଦେଖାହୁଏ ଢେର ସମୟ ଯାଏଁ ଖଟି ଚାଲେ। ଅପରାହ୍ନରେ ଦେଖାହେଲେ ସନ୍ଧ୍ୟା ପୂର୍ବରୁ ଘରକୁ ଫେରିଯିବାର ଯୋଜନା ଥାଏ। ହେଲେ ରାତି ୮ଟା ନ ହେଲା ଯାଏଁ କେହି ଖଟି ଭାଙ୍ଗି ଯାଆନ୍ତିନି ବୋଲି କହିଥିଲେ ଛାତ୍ର ସତ୍ୟବ୍ରତ ପ୍ରଧାନ। ଖଟିରେ କ'ଣ ଚର୍ଚ୍ଚା ଚାଲୁଛି ବୋଲି ପଚାରିବାରୁ ସେ କହିଥିଲେ, ଏବେ ପରୀକ୍ଷା ଚିନ୍ତା। ସେମିଷ୍ଟାର ଚାଲିଥିବାରୁ ସିଲାବସ୍ କେମିତି ଶେଷ କରିବୁ ସେ ବିଷୟରେ ଆଲୋଚନା କରୁଥିଲୁ। ଏହା ବ୍ୟତୀତ ଡିସେମ୍ବର ୨୨ରେ ବାରବାଟୀରେ ହେବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍‌ରେ କେମିତି ଟିକେଟ୍ ହାସଲ କରିବୁ ସେ ବିଷୟରେ ବି ଆଲୋଚନା ହୋଇଛି। ସେହିପରି ଏଠାରେ ଉପସ୍ଥିତ ଥିବା ଅମର୍ତ୍ତ୍ୟ ଅନୁରାଗ କହିଥିଲେ, କଟକିଆ ହୋଇ ବାରବାଟୀରେ ମ୍ୟାଚ୍ ନ ଦେଖିଲେ ଖାଦ୍ୟ ହଜମ ହେବନି। ଯାହାହେଲେ ବି ଧାଡ଼ିରେ ଠେଲାପେଲା କରି ଟିକେଟ କିଣିବୁ। ମୁହଁରେ ତ୍ରିରଙ୍ଗା ଆଙ୍କି 'ଟିମ୍ ଇଣ୍ଡିଆ'କୁ ଉତ୍ସାହିତ କରିବୁ। ଛାତ୍ର ସାର୍ଥକ ରାୟ କହିଥିଲେ, ପିକ୍‌ନିକ୍ ଋତୁ ଆସିଥିବାରୁ କେଉଁଆଡେ ପିକ୍‌ନିକ୍ ଯିବୁ ସେ ନେଇ ଆଲୋଚନା ମଧ୍ୟ ଏଠାରେ ହୋଇଥିଲା। ପୂର୍ବବର୍ଷ ବାଲେଶ୍ୱର ଚାନ୍ଦିପୁର ଯାଇଥିଲୁ। ହେଲେ କିଛି କାରଣବଶତଃ ପୂର୍ବ ପିକ୍‌ନିକ୍ ମଜାଦାର ହୋଇପାରିଲାନି। ଏଣୁ ଏଥର ସବୁ ପିଲାଙ୍କ ସହ ଯୋଗାଯୋଗ ଜାରି ରହିଛି। କେଉଁ ସ୍ଥାନକୁ ଯିବୁ ସେ ବିଷୟରେ ଖଟି ଚାଲିଥିଲା ବୋଲି ସାର୍ଥକ କହିଥିଲେ। ଏହାଛଡ଼ା ଏହି ଖଟିରେ ଟ୍ରାଫିକ ବ୍ୟବସ୍ଥାର ଚାଲାଣ ପ୍ରସଙ୍ଗ, ହାଇଦ୍ରାବାଦରେ ମହିଳା ପ୍ରାଣୀ ଚିକିତ୍ସକ ହତ୍ୟା ଘଟଣା ବିଷୟକୁ ନେଇ ମଧ୍ୟ ଦୀର୍ଘସମୟର ଆଲୋଚନା କରାଯାଇଥିଲା। ଛାତ୍ର ପବିତ୍ର କୁମାର ସ୍ୱାଇଁ, ସିଦ୍ଧାର୍ଥ ଦାସ, ବିନାୟକ ସିଂ, ଗୌରୀ ପ୍ରସାଦ ନାୟକ, ସମ୍ବିତ ବାନାର୍ଜୀ, ସୁଦୀପ୍ତ ସୁନ୍ଦର ଏହି ଖଟିରେ ଉପସ୍ଥିତ ଥିଲେ।

**ଟୁନ୍ଦକରେ ରେଭେନ୍‌ଶା**

ମହାନଦୀ ଦେଇ ବ୍ରିଟିଶ ସରକାର କଟକକୁ ପ୍ରବେଶ କରୁଥିଲେ। ଯୋବ୍ରା ଥିଲା ପ୍ରବେଶ ପଥ। ଯୋବ୍ରାଠାରୁ କିଛି ଦୂରରେ ଏକ ବିଶାଳ ପଡ଼ିଆ ଥିଲା। ଏହାର ନାମ ଚକ୍ରି ପଡ଼ିଆ ଥିବାବେଳେ ଏଠାରେ ବ୍ରିଟିଶ ଲୋକଙ୍କ ଘୋଡା ବନ୍ଧା ଯାଉଥିଲା। ଇଂରେଜ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ 'ଥୋମାସ୍ ଏଡୱାର୍ଡ ରେଭେନ୍‌ଶା'ଙ୍କ ନାମ ଅନୁସାରେ ଏକ ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିଲା। ଏବେ ଏହି ଶିକ୍ଷାନୁଷ୍ଠାନ ୧୫୦ବର୍ଷରେ ପଦାର୍ପଣ କରିଛି। ଏଠାରେ ୮୦୦୦ ବିଦ୍ୟାର୍ଥି ଥିବାବେଳେ ୩୪ଟି ବିଭାଗ ରହିଛି। ସର୍ବପୁରାତନ କନିକା ଲାଇବ୍ରେରି ଏହି ବିଶ୍ୱବିଦ୍ୟାଳୟରେ ରହିଛି। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ୨୦୦୨ ମସିହାରେ ଆରମ୍ଭ ହୋଇଥିଲା। ଏଠାରେ ଉଭୟ ସ୍ନାତକ ଓ ସ୍ନାତକୋତ୍ତରର ପାଠ୍ୟକ୍ରମ ରହିଛି।

**-ରିପୋର୍ଟ: ଅଶୋକ କୁମାର ବାରିକ**

"ଏକ ମାରାଥନ ରେସ୍‌ରେ ଭାଗନେବାକୁ ହେଲେ ଆଥ୍‌ଲେଟ୍‌ଙ୍କୁ ମାନସିକ ସ୍ତରରେ ଖୁବ୍ ସୁଦୃଢ ହେବାକୁ ପଡ଼ିବ ।
–ଗୋପୀନାଥ ଥୋନାକଲ
ଭାରତୀୟ ମାରାଥନ ଧାବକ



"ନିଜ ଦଳକୁ ମ୍ୟାଚ୍ ଜିତାଇବା ଲାଗି ମୁଁ ଯେକୌଣସି କଠିନ ପରିସ୍ଥିତିର ସାମ୍ନା କରିବା ଲାଗି ପସନ୍ଦ କରିଥାଏ ।
–ଦୀନେଶ କାର୍ତ୍ତିକ, ବିଶିଷ୍ଟ କ୍ରିକେଟର



## ସଂକ୍ଷେପରେ

### ଗଣ୍ଡରପୁର କପ୍ ଫୁଟବଲ
### ସ୍ପୋର୍ଟ୍ସ ହଷ୍ଟେଲ, ବଜରଙ୍ଗବାଲି ଚାମ୍ପିୟନ

**ଭୁବନେଶ୍ୱର, ୮।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟସ୍ତରୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ସହରାଞ୍ଚଳ ବିଭାଗରେ କଟକ ସ୍ପୋର୍ଟ୍ସ ହଷ୍ଟେଲ ଓ ଗ୍ରାମାଞ୍ଚଳ ବିଭାଗରେ ଘାଟିକିଆର ବଜରଙ୍ଗବାଲି କ୍ଲବ ଚାମ୍ପିୟନ ହୋଇଛି। ସହରାଞ୍ଚଳର ଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ ୩-୦ ଗୋଲରେ ଭୁବନେଶ୍ୱରର କିଶୋର କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳର ଭାବଗ୍ରାହୀ ପଡ଼ିହାରୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ତୀବ୍ର ସଂଘର୍ଷପୂର୍ଣ୍ଣ ଗ୍ରାମାଞ୍ଚଳ ବିଭାଗ ଫାଇନାଲରେ ବଜରଙ୍ଗବାଲି ଟାଇବ୍ରେକର ୫-୪ ଗୋଲରେ ଗୋଠପୁରର ମା' ମଙ୍ଗଳା କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ତୋଫାନ ନାଏକ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟଅତିଥି, ବିଧାୟକ ସୁଶାନ୍ତ କୁମାର ରାଉତ, ସୁବାସ ପାତ୍ର, ଅମରେଶ ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ଜୁଭେନାଇଲ-ୟୁନିୟନ ସ୍ପୋର୍ଟିଂ ଫାଇନାଲ

**କଟକ ଅଫିସ,୮।୧୨:** ବୋଷ ଗ୍ରାଉଣ୍ଡରେ ଚାଲିଥିବା ୬ଷ୍ଠ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜୁଭେନାଇଲ କ୍ଲବ ଓ ୟୁନିୟନ ସ୍ପୋର୍ଟିଂ କ୍ଲବ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଖେଳାଯାଇଥିବା ଦୁଇ ସେମିଫାଇନାଲ ମ୍ୟାଚ୍‌ରେ ଜୁଭେନାଇଲ ୬୫ରନରେ ଏସିସିକୁ ଓ ୟୁନିୟନ ୪୭ରନରେ ରାଇଜିଂ ଷ୍ଟାରକୁ ହରାଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଜୁଭେନାଇଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ବିନିମୟରେ ୧୫୬ରନ କରିଥିଲା। ତାପସ ରାଉତ ୩୫ବଲରୁ ୫୦ରନ୍‌ର ଦ୍ରୁତ ଇନିଂସ ଖେଳିଥିଲେ। ଏସିସି ପକ୍ଷରୁ ବିନାୟକ ମହାନ୍ତି ଓ ଶେଖର ମାଝୀ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଏସିସି ୯୧ରନରେ ଅଲଆଉଟ ହୋଇଥିଲା। ପ୍ରଜ୍ୱଳ ଲାହା ୧୫ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଜୁଭେନାଇଲର ତାପସଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ସେମିଫାଇନାଲରେ ଆୟୋଜକ ୟୁନିୟନ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୮ଉଇକେଟ ହରାଇ ୧୭୦ରନ କରିଥିଲା। ଗୌତମ ଭଞ୍ଜ ୪୬ରନ, ଭେଙ୍କଟେସ୍ ଭାଣ୍ଡେ ୩୮ରନର ଉପଯୋଗୀ ଇନିଂସ ଖେଳିଥିଲେ। ରାଇଜିଂ ଷ୍ଟାର ପକ୍ଷରୁ ସୂରଜ ବେହେରା ସର୍ବାଧିକ ୪ଟି ଉଇକେଟ ଦଖଲ କରିଥିଲେ। ୧୭୧ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ରାଇଜିଂ ଷ୍ଟାର ୮ ଉଇକେଟ ହରାଇ ୧୨୩ରନ କରିବାକୁ ସକ୍ଷମ ହୋଇଥିଲା। ୟୁନିୟନର ତପେନ୍ଦ୍ର ସିଂ ଓ ନିଶାନ୍ତ ସାହୁଙ୍କୁ ୩ଟି ଲେଖାଏ ଉଇକେଟ ମିଳିଥିଲା। ଏହି ମ୍ୟାଚ୍‌ରେ ଗୌତମ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

### ରାଇଜିଂ ଷ୍ଟୁଡେଣ୍ଟ୍ସକୁ ହରାଇଲା ରେଲୱେ

**କଟକ ଅଫିସ,୮।୧୨:** ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଫାଓ ମହିଳା ଲିଗ୍‌ର ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ପୂର୍ବତଟ ରେଲୱେ ୨-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ୍ସ କ୍ଲବକୁ ହରାଇଛି। ରେଲୱେ ପକ୍ଷରୁ ସତ୍ୟବତୀ ଖାଡ଼ିଆ ୩୩ତମ ଓ ୭୫ତମ ମିନିଟରେ ଦୁଇଟି ଯାକ ଗୋଲ ସ୍କୋର କରିଥିଲେ।

### ହେଭିୱେଟ୍ ଟାଇଟଲ ଫେରିପାଇଲେ ଜୋଶୁଆ

**ରିୟାଦ (ସୌଦି ଆରବିଆ), ୮।୧୨ (ଏଏଫପି):** ବ୍ରିଟେନର ଆନ୍ଥୋନି ଜୋଶୁଆ ବିଶ୍ୱର ହେଭିୱେଟ୍ ବେଲ୍ଟ ଛଡ଼ାଇ ଆଣିଛନ୍ତି। ସେ ମେକ୍ସିକୋ-ଆମେରିକାନ ବକ୍ସର ଆଣ୍ଡି ରୁଇଜଙ୍କୁ ଏକତରଫା ମ୍ୟାଚ୍‌ରେ ହରାଇ ଦେଇଛନ୍ତି। ଗତ ଜୁନରେ ରୁଇଜ ଏକ ନକଆଉଟ୍ ମ୍ୟାଚ୍‌ରେ ଜୋଶୁଆଙ୍କୁ ହରାଇ ଟାଇଟଲ ହାତେଇ ନେଇଥିଲେ। ଏହି ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି ୨୦୧୨ ଅଲିମ୍ପିକ୍ ଚାମ୍ପିୟନ। ବିଜୟ ସହ ସେ ଆଇବିଏଫ୍, ଡବ୍ଲ୍ୟୁବିଏ ଓ ଡବ୍ଲ୍ୟୁବିଓ ବେଲ୍ଟ ହାତେଇଛନ୍ତି।

# ଆଜିଠାରୁ ଓଡ଼ିଶାର ରଣଜୀ ଅଭିଯାନ

- ପ୍ରଥମଥର ଛତିଶଗଡ଼କୁ ଭେଟିବ ଓଡ଼ିଶା
- ପେସ୍ ବୋଲର୍‌ଙ୍କୁ ସୁହାଇବ ପିଚ୍

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ବିପ୍ଲବ ସାମନ୍ତରାୟ (ଉପଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଦେବାଶିଷ ସାମନ୍ତରାୟ, ଅନୁରାଗ ଷଡ଼ଙ୍ଗୀ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ଅଙ୍କିତ ଯାଦବ, ପପୁ ରାୟ। **କୋଚ୍:** ରଶ୍ମି ରଞ୍ଜନ ପରିଡ଼ା, **ଫିଜିଓ:** ଶୁଭକାନ୍ତ ସାହୁ, **ଟ୍ରେନର:** ମନୋଜ କୁମାର ବିଶ୍ୱାଳ

**କଟକ ଅଫିସ,୮।୧୨**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଦେଶର ପ୍ରମୁଖ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ସୋମବାରଠାରୁ ଆରମ୍ଭ ହେବ। ପ୍ରତିଯୋଗିତାରେ ଓଡ଼ିଶା ଏଲିଟ୍ ଗ୍ରୁପ-ସିରେ ସ୍ଥାନ ପାଇଛି। ହରପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଛତିଶଗଡ଼ ବିପକ୍ଷରେ ଦଳ ପ୍ରଥମ ମ୍ୟାଚ୍ ଖେଳିବ। ରାୟପୁରସ୍ଥିତ ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ୨୦୧୬ ରଣଜୀ ସଂସ୍କରଣରେ ଛତିଶଗଡ଼ ପ୍ରଥମ ଥର ନିମନ୍ତେ ବିସିସିଆଇର ଏହି ୪ଦିବସୀୟ କ୍ରିକେଟ ଫର୍ମାଟରେ ଖେଳିବାର ସୁଯୋଗ ପାଇଥିଲା। ତେବେ ଏହା ପୂର୍ବରୁ ଓଡ଼ିଶାର ମୁକାବିଲା ଛତିଶଗଡ଼ ସହ ହୋଇନାହିଁ। ପ୍ରଥମଥର ନିମନ୍ତେ ଉଭୟ ଦଳ ସାମ୍ନାସାମ୍ନି ହେବେ। ଅନ୍ୟପକ୍ଷରେ ରାୟପୁରର ଏହି ପିଚ୍ ପେସ୍ ବୋଲରଙ୍କୁ ସୁହାଇବ ବୋଲି ଜଣାପଡ଼ିଛି। ତେଣୁ ଓଡ଼ିଶା ପେସ୍ ଆକ୍ରମଣକୁ ଗୁରୁତ୍ୱ ଦେଇ ପ୍ରଥମ ମ୍ୟାଚ୍‌କୁ ଓହ୍ଲାଇବା ଆଶା ରହିଛି।

ଗତ ରଣଜୀ ସିଜନରେ ଓଡ଼ିଶା କ୍ୱାର୍ଟରଫାଇନାଲରେ ପ୍ରବେଶ ନ କରିଥିଲେ ସୁଦ୍ଧା ପ୍ରଦର୍ଶନ ଅତ୍ୟନ୍ତ ଖରାପ ନ ଥିଲା। ଦଳ ୯ ମ୍ୟାଚ୍‌ରୁ ୪ ବିଜୟ, ୩ ପରାଜୟ ଓ ୨ ଡ୍ର ବଳରେ ୨୬ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଥିଲା। ବିଜୟ ସମ୍ଭାବନା ଥିବା ଦୁଇଟି ମ୍ୟାଚ୍‌ରେ ଓଡ଼ିଶା ଦୁର୍ଭାଗ୍ୟଜନକ ଭାବେ ହାରିଯିବା ଯୋଗୁ କ୍ୱାର୍ଟରରୁ ବଞ୍ଚିତ ହୋଇଥିଲା। ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ରାଜ୍ୟ ନିମନ୍ତେ ସର୍ବାଧିକ ରନ(୬୧୭ରନ) ସଂଗ୍ରହ କରିଥିଲେ। ଅନ୍ୟପକ୍ଷରେ ୮ଟି ମ୍ୟାଚ ଖେଳି ଗୋଟିଏ ବି ଜିତି ନ ଥିଲା ଛତିଶଗଡ଼। ୪ଟି ଲେଖାଏ ମ୍ୟାଚ୍ ପରାଜୟ ଓ ଅମୀମାଂସିତ ବଳରେ ଦଳ ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ଥିଲା। ଛତିଶଗଡ଼ ଅଧିନାୟକ ହରପ୍ରିତ ଟୁର୍ଣ୍ଣାମେଣ୍ଟରୁ ମୋଟ୍ ୬୨୭ରନ ସଂଗ୍ରହ କରିଥିଲେ। ଆଗାମୀ ମ୍ୟାଚ୍‌ରେ ଓଡ଼ିଶା ଭଲ ପ୍ରଦର୍ଶନ କରିବା ସହ ବିଜୟୀ ହେବାର ଆଶା ରହିଛି ବୋଲି ଅଧିନାୟକ ଶୁଭ୍ରାଂଶୁ କହିଛନ୍ତି। ଅନ୍ୟପକ୍ଷରେ ପିଚ୍ ପେସ୍ ବୋଲିଂକୁ ସୁହାଇବ ବୋଲି ପୂର୍ବାନୁମାନ କରାଯାଉଛି। ଶୁଭ୍ରାଂଶୁଙ୍କ ଟିମ୍‌ରେ ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତିଙ୍କ ଭଳି ଉପଯୋଗୀ ପେସ୍ ବୋଲର ଅଛନ୍ତି। ଉକ୍ତ ତିନି ଜଣ ରାଜ୍ୟ ନିମନ୍ତେ ଲଗାତର ଭାବେ ପ୍ରଭାବୀ ପ୍ରଦର୍ଶନ କରି ଆସୁଛନ୍ତି। ଏହାଛଡ଼ା ଦେବବ୍ରତ ପ୍ରଧାନ ଓ ଅଙ୍କିତ ଯାଦବ ପେସ୍ ବୋଲିଂ ଲାଇନଅପ୍‌କୁ ସହଯୋଗ କରିବାର ଦକ୍ଷତା ରଖିଛନ୍ତି। ଏକମାତ୍ର ସ୍ପିନର ଭାବେ ପପୁ ରାୟ ଦଳରେ ଥିବା ବେଳେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିବାର ସମ୍ଭାବନା ଯଥେଷ୍ଟ ଅଛି। ଏହାଛଡ଼ା ଛତିଶଗଡ଼ ବିପକ୍ଷ ମ୍ୟାଚ୍‌ରେ ସନ୍ଦୀପ ପଟ୍ଟନାୟକ ଓ ଅନୁରାଗ ଷଡ଼ଙ୍ଗୀ ଓପନିଂ ଭାର ସମ୍ଭାଳିବେ ବୋଲି ବିଶେଷସୂତ୍ରରୁ ଜଣାପଡ଼ିଛି। ଅନୁରାଗ ଗତ ରଣଜୀ ସଂସ୍କରଣରେ ଓଡ଼ିଶା ନିମନ୍ତେ ଦ୍ୱିତୀୟ ସର୍ବାଧିକ ରନସଂଗ୍ରହକାରୀ (୪୯୦ରନ) ଥିଲେ। ଶୁଭ୍ରାଂଶୁ, ବିପ୍ଲବ, ଗୋବିନ୍ଦ, ଶାନ୍ତନୁଙ୍କ ଉପରେ ଦଳର ମିଡ୍‌ଲ ଅର୍ଡର ବ୍ୟାଟିଂ ଭାର ରହିବ।

## କୀର୍ତ୍ତି ଅନୁରାଗଙ୍କୁ ଟାଇଟଲ




ଖେଳାଳିମାନେ ପୁରସ୍କାର ସହ ।

**ଭୁବନେଶ୍ୱର, ୮।୧୨(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ବନବିହାରୀ ପଟ୍ଟନାୟକ ମେମୋରିଆଲ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କୀର୍ତ୍ତି ଅନୁରାଗ ଓ ତ୍ରିଦେବ ତୀର୍ଥଙ୍କର ୫.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନମସ୍ୟ ନଳିନୀ, ଜେ. ବିହାନ ରେଡ୍ଡୀ, ଈଶାନ୍ତ ଦାସ, ଅଭିଜିତ ବିଶ୍ୱାଳ, ସୌମ୍ୟରଞ୍ଜନ ସାହୁ, ଆରିନ ଅନ୍ୱେଷ ସ୍ୱାଇଁ ଓ ମନସିଜ ସାମଲ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବିଭାଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ଓ ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଦୀପ୍ତ ମିଶ୍ର ସ୍ମାରକୀ ଫୁଟ୍‌ବଲ
## କଟକ ମଙ୍ଗଳା କ୍ଲବ ଚାମ୍ପିୟନ



ଫାଇନାଲ ପୂର୍ବରୁ ଅତିଥି ଓ ଦୁଇ ଦଳର ଖେଳାଳିମାନେ।

**ଖୁଣ୍ଟୁଣୀ, ୮।୧୨ (ଡିଏନଏ)**

ବାଳୀ ବନଦୁର୍ଗା ସ୍ପୋର୍ଟ୍ସ କ୍ଲବ ଏବଂ କଟକର ପ୍ରଦୀପ୍ତ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆଠଗଡ଼ ବ୍ଲକ ଓରନ୍ଦା ପଞ୍ଚାୟତ ଅନ୍ତର୍ଗତ ବାଳି ଗ୍ରାମ ଖେଳପଡ଼ିଆରେ ୪ର୍ଥ ବାର୍ଷିକୀ ପ୍ରଦୀପ୍ତ ମିଶ୍ର ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରବିବାର ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ କନ୍ଦରପୁର ବାରଦା ଏକାଦଶକୁ ୪-୦ ଗୋଲରେ ପରାସ୍ତ କରି କଟକର ମଙ୍ଗଳା କ୍ଲବ ଚାମ୍ପିୟନ ହୋଇଛି। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ପ୍ରଭାସ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡାଃ. ଚିତ୍ତରଞ୍ଜନ ମହାନ୍ତି, ବ୍ୟଙ୍ଗଚିତ୍ରକର ଅଶୋକ, ଗୁରୁଡ଼ିଝାଟିଆ ଥାନା ଅଧିକାରୀ ବିଜୟକେତନ ବିସି, ସିନେ ହାସ୍ୟକଳାକାର ଟଲିଆ, ଜିଲାପରିଷଦ ସଦସ୍ୟ କେଶବ ଦଳେଇ, ପ୍ରଦୀପ୍ତ ମିଶ୍ର ଫାଉଣ୍ଡେଶନ ଅଧ୍ୟକ୍ଷ ଗିରିଜା ମିଶ୍ର ଓରନ୍ଦା ସରପଞ୍ଚ ପ୍ରତାପ ଦେହୁରୀ, ବିଜୟ ସାହୁ ଓ ଉମେଶ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ମଙ୍ଗଳା କ୍ଲବର ଲକିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ, ଗଣେଶଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ମୁନାଙ୍କୁ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଥିଲା। ସଞ୍ଜୀବ ଦାସ, ଇମ୍‌ତାଜ ଜାହିର, ପ୍ରଭାକର ବେହେରା ଖେଳ ପରିଚାଳନା କରିଥିଲେ।

### ନାଲ୍‌କୋ ଓପନ୍ ଟେନିସ୍ ୧୩ରୁ

**ଭୁବନେଶ୍ୱର, ୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱର ଜିଲା ଟେନିସ୍ ଆସୋସିଏଶନ (ବିଡିଟିଏ) ୨୧ତମ ଅଲ ଓଡ଼ିଶା ନାଲ୍‌କୋ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଯାଉଛି। କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୧୩ରୁ ଆରମ୍ଭ ହୋଇ ୧୫ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟର ଏହି ୨୧ତମ ସଂସ୍କରଣରେ ୫୦୦ ଖେଳାଳି ଅଂଶଗ୍ରହଣ କରିବେ। ଏଥର ପୁରସ୍କାର ରାଶି ୨ରୁ ୩.୨୪ ଲକ୍ଷକୁ ବୃଦ୍ଧି କରାଯାଇଛି ବୋଲି ବିଡିଟିଏ ଯୁଗ୍ମ ସମ୍ପାଦକ ଆର. ବିଶ୍ୱନାଥ କହିଛନ୍ତି। ୪ଟି କ୍ଲେ କୋର୍ଟ ଓ ୭ଟି ସିନ୍ଥେଟିକ କୋର୍ଟରେ ୮ଟି ଭିନ୍ନ ଭିନ୍ନ ବର୍ଗରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ରାଜ୍ୟର ଏହି ଏକମାତ୍ର ଟୁର୍ଣ୍ଣାମେଣ୍ଟରେ ୧୨ ବର୍ଷରୁ କମ୍ ରୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ପ୍ରତିଯୋଗୀମାନେ ସେମାନଙ୍କ ବର୍ଗରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିବେ। କେବଳ ପୁରୁଷ ଡବଲ୍ସ ବର୍ଗରେ ପେସାଦାର କୋଚ୍‌ମାନେ ଅଂଶଗ୍ରହଣ କରିବେ। ସବୁ ବର୍ଗର କ୍ୱାର୍ଟରଫାଇନାଲିଷ୍ଟମାନଙ୍କୁ ପୁରସ୍କାର ବାବଦରେ ନଗଦ ଅର୍ଥରାଶି ପ୍ରଦାନ କରାଯିବ ବିଶ୍ୱନାଥ କହିଛନ୍ତି। ୧୨ ଓ ୧୬ ବର୍ଷରୁ କମ୍ ବାଳକ ବିଭାଗ ଓ ୧୪ ବର୍ଷରୁ କମ୍ ବାଳିକା ବିଭାଗ, ପୁରୁଷ ଓ ମହିଳା ସିଙ୍ଗଲ୍ସରେ ପ୍ରତିଯୋଗିତା ଆୟୋଜନ ହେବ। ସେହିପରି ପୁରୁଷ ଓପନ, ପୁରୁଷ ୪୦+, ୫୦+ ଓ ୬୦+ ବୟସ ଭେଟେରାନ ବର୍ଗରେ ଡବଲ୍ସ ଇଭେଣ୍ଟଗୁଡ଼ିକ ଖେଳାଯିବ।

## ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା




ଅତିଥିଙ୍କ ସହ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ୨୭ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାର ପୁରୁଷ ବ୍ୟତୀତ ମହିଳା ବିଭାଗରେ ୪୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ରବିବାର ଅପରାହ୍ନ ୪ଟା ସୁଦ୍ଧା ନିର୍ଦ୍ଧାରିତ ହୋଇଥିବା ଫଳାଫଳ ଅନୁସାରେ ପୁରୁଷ ସିନିୟର ୬୬ କେଜି ଶ୍ରେଣୀରେ ମୟୂରଭଞ୍ଜର ଅଭିଷେକ ମହାନ୍ତ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ସୁଦାମ ସିଂ ରୌପ୍ୟ ପାଇଛନ୍ତି। ୬୬ କେଜି ପୁରୁଷ ମାଷ୍ଟର-୧ ବିଭାଗରେ ଅନୁଗୋଳର କିଷାନ ହାଁସ୍‌ଦା ପ୍ରଥମ ଓ ରାୟଗଡ଼ାର ଏଲ୍. ବାଙ୍ଗାରୀ ନାୟୁଡୁ ଦ୍ୱିତୀୟ ହୋଇଛନ୍ତି। ୬୬ କେଜି ମାଷ୍ଟର୍ସ-୩ରେ ରାୟଗଡ଼ାର ନୀଳରାମ ସାମଲ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ଜୁନିୟର ପୁରୁଷ ୬୬ କେଜି ଶ୍ରେଣୀରେ ମୟୂରଭଞ୍ଜର ଅଭିଷେକ ମହାନ୍ତ ଏବଂ ସୁଦାମ ସିଂ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଛନ୍ତି। ସବ୍ ଜୁନିୟର ବାଳକ ୬୬କେଜି ଶ୍ରେଣୀରେ ମୟୂରଭଞ୍ଜର ଦୁଃଖୀରାମ ମାରାଣ୍ଡି ପ୍ରଥମ ଏବଂ ରାୟଗଡ଼ାର ରାମଗୌରୀ ନାଗ୍ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ସେହିପରି ୬୬କେଜି ଓପନ୍ ପୁରୁଷ ବ୍ରେଞ୍ଚପ୍ରେସ୍‌ରେ କଟକର ଚନ୍ଦନ କୁମାର ସାହୁ ଓ ମୟୂରଭଞ୍ଜର ପ୍ରବୀର କୁମାର ପୃଷ୍ଟି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୭୪କେଜି ସବ୍ ଜୁନିୟର ବାଳକ ବିଭାଗରେ ଖୋର୍ଦ୍ଧାର ଶୁଭେନ୍ଦୁ କୁମାର ନାୟକ ଓ ରାଜେଶ କୁମାର ବେହେରା ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଛନ୍ତି। ୭୪କେଜି ପୁରୁଷ ଜୁନିୟରରେ ଖୋର୍ଦ୍ଧାର ବିଶ୍ୱଜିତ ଜେନା ଓ ସମେନ୍ଦ୍ର ରାଉତରାୟ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ୭୪ କେଜି ମାଷ୍ଟର୍ସ-୧ ବିଭାଗରେ ରାୟଗଡ଼ାର ଭାସ୍କର କୋଣ୍ଡାଗିର ଓ ସୁନ୍ଦରଗଡ଼ର ଦୀପକ ପ୍ରଧାନ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଛନ୍ତି। ୭୪କେଜି ମାଷ୍ଟର୍ସ-୨ ବିଭାଗରେ ରାୟଗଡ଼ାର ଜି. ଭେଙ୍କଟରାଓ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ୭୪ କେଜି ଓପନ ବ୍ରେଞ୍ଚପ୍ରେସ୍‌ରେ କଟକର ଦିବାକର ଗୋଛାୟତ ଏବଂ ଖୋର୍ଦ୍ଧାର ବିଶ୍ୱଜିତ୍ ଜେନା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ୮୩କେଜି ବାଳକ ସବ୍‌ଜୁନିୟରରେ ରାୟଗଡ଼ାର ରାଜକିଶୋର ନାୟକ ସ୍ୱର୍ଣ୍ଣ ଜିତିଛନ୍ତି। ୮୩କେଜି ପୁରୁଷ ଜୁନିୟରରେ ମୟୂରଭଞ୍ଜର ବାପୁନ ବେହେରା ସ୍ୱର୍ଣ୍ଣ ଓ ଖୋର୍ଦ୍ଧାର ମହେନ୍ଦ୍ର ରାଉତ ରୌପ୍ୟ ଜିତିଛନ୍ତି। ୮୩ କେଜି ପୁରୁଷ ସିନିୟରରେ ଖୋର୍ଦ୍ଧାର ମହେନ୍ଦ୍ର ରାଉତ ଏବଂ ଅନୁଗୋଳର ପ୍ରଶାନ୍ତ କୁମାର ପ୍ରଧାନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ସେହିପରି ୮୩ କେଜି ପୁରୁଷ ମାଷ୍ଟର୍ସ-୧ରେ ଖୋର୍ଦ୍ଧାର କୃଷ୍ଣ ଚନ୍ଦ୍ର ସାହୁ ଓ ଅନୁଗୋଳର ବୁଲ ପ୍ରଧାନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ୮୩କେଜି ମାଷ୍ଟର୍ସ-୨ରେ ଅନୁଗୋଳର ପବିତ୍ର ମୋହନ ନାଥ୍ ପ୍ରଥମ ସ୍ଥାନ ଲାଭ କରିଛନ୍ତି। ୭୪ କେଜି ପୁରୁଷ ସିନିୟର ବିଭାଗରେ ଖୋର୍ଦ୍ଧାର ବିଶ୍ୱଜିତ୍ ଜେନା ଏବଂ ବାଦଲ କୁମାର ବେହେରା ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଛନ୍ତି।

# ପରାଜୟ ସତ୍ତ୍ୱେ ଭାରତ ଚାମ୍ପିୟନ

**ତ୍ରିରାଷ୍ଟ୍ରୀୟ ଜୁନିୟର ମହିଳା ହକି**

**କାନବେରା,୮।୧୨(ପି.ଟି.)**




ଚାମ୍ପିୟନ ଭାରତୀୟ ଦଳ।

ଭାରତୀୟ ଜୁନିୟର ମହିଳା ହକି ଦଳ ଏଠାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ହକି ସିରିଜ୍‌ରେ ପ୍ରଥମ ପରାଜୟବରଣ କରିଥିଲେ ହେଁ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ୪ର୍ଥ ମ୍ୟାଚ୍‌ରେ ଭାରତ ୧-୨ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଛି। ତ୍ରିରାଷ୍ଟ୍ରୀୟରେ ଭାରତର ଏହାଥିଲା ପ୍ରଥମ ପରାଜୟ। ଦଳ ମୋଟ ୪ ମ୍ୟାଚ୍ ଖେଳି ୭ ପଏଣ୍ଟ ପାଇଛି। ଅଷ୍ଟ୍ରେଲିଆ ସମାନ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ଭାରତ ବାଜି ମାରିଛି। ୩ ପଏଣ୍ଟ ସହ ନ୍ୟୁଜିଲାଣ୍ଡ ୩ୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ପ୍ରତିଯୋଗିତାରେ ଭାରତ ଏହାର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୨-୦ ଗୋଲରେ ହରାଇଥିବାବେଳେ ଅଷ୍ଟ୍ରେଲିଆ ସହିତ ୧-୧ରେ ମ୍ୟାଚ ଡ୍ର ରଖିଥିଲା। ପରବର୍ତ୍ତୀ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪-୧ ଗୋଲରେ ହରାଇ ଟାଇଟଲ ଫେଭରାଇଟ ହୋଇ ଯାଇଥିଲା। ଅନ୍ୟ ପକ୍ଷରେ ନିଜର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୧-୩ ଗୋଲରେ ହାରିଥିବା ଅଷ୍ଟ୍ରେଲିଆ ଭାରତ ବିପକ୍ଷ ମ୍ୟାଚକୁ ଡ୍ର ରଖିବା ପରେ ନ୍ୟୁଜିଲାଣ୍ଡକୁ ୩-୧ ଗୋଲରେ ହରାଇଥିଲା। ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଗଗନଦୀପ କୌର ଭାରତ ପାଇଁ ଏକମାତ୍ର ଗୋଲ ଦେଇଥିଲେ। ଘରୋଇ ଅଷ୍ଟ୍ରେଲିଆ ପକ୍ଷରୁ ଆବିଗେଲ ୱିଲସନ ଡବଲ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଭାରତୀୟ ଦଳ ପାଇଁ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଥିଲା। ଦଳ ପୂରା ଚାପରେ ରହିଥିଲା। ଘରୋଇ ଦଳକୁ ୧୫ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଆବିଗେଲ ୱିଲସନ ଗୋଲରେ ପରିଣତ କରିଥିଲେ। ଏହାକୁ ପରିଶୋଧ କରିବା ଲାଗି ଭାରତୀୟ ଦଳକୁ ଦ୍ୱିତୀୟ କ୍ୱାର୍ଟରରେ ପେନାଲ୍ଟି କର୍ଣ୍ଣର ଜରିଆରେ ଦୁଇଟି ସୁଯୋଗ ମିଳିଥିଲା। ମାତ୍ର ଉଭୟ ଫଳଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଦଳ ବହୁ ସୁଯୋଗ ହାତଛଡ଼ା କରିଥିଲେ। କିନ୍ତୁ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଭାରତୀୟ ଦଳର ଆକ୍ରମଣାତ୍ମକ ପ୍ରଦର୍ଶନ ଯୋଗୁ ଘରୋଇ ଅଷ୍ଟ୍ରେଲିଆ ଦଳ ଚାପର ବଶବର୍ତ୍ତୀ ହୋଇ ତ୍ରୁଟି କରିଥିଲା। ଫଳରେ ୫୩ତମ ମିନିଟ୍‌ରେ ଭାରତକୁ ମିଳିଥିଲା ପେନାଲ୍ଟି କର୍ଣ୍ଣର, ଯାହାର ଫାଇଦା ଉଠାଇ ଗଗନଦୀପ ସ୍କୋର କରି ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ। ମାତ୍ର ୩ ମିନିଟ୍ ପରେ ଆବିଗେଲ ମ୍ୟାଚ୍‌ର ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଏହାପରେ ଭାରତୀୟ ଖେଳାଳିଙ୍କ ବହୁ ପ୍ରୟାସ ସତ୍ତ୍ୱେ ସ୍କୋର ଲାଇନ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା।

## ଭାରତ ଖେଳିବ ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ

**୧୭ ବର୍ଷରୁ କମ୍ ମହିଳା ଫୁଟବଲ**

**ମୁମ୍ବାଇ, ୮।୧୨(ପି.ଟି.):** ଆସନ୍ତାବର୍ଷ ଭାରତରେ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିବା ବେଳେ ପ୍ରସ୍ତୁତି ଓ ଅଭ୍ୟାସ ସ୍ୱରୂପ ଭାରତୀୟ ଦଳ ଘରୋଇ ପରିବେଶରେ ଏକ ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ ଖେଳିବ। ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତ ସମେତ ଥାଇଲାଣ୍ଡ ଓ ସ୍ୱିଡେନ ଅଂଶଗ୍ରହଣ କରିବେ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମଥର ପାଇଁ ଭାରତ ମହିଳା ୧୭ ବର୍ଷରୁ କମ୍ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ ବୋଲି ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) କହିଛି। ଏସିଆନ ଫୁଟବଲ ଫେଡେରେଶନ (ଏଏଫ୍‌ସି) ଓ ୟୁନିୟନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏଶନ (ୟୁଇଏଫ୍‌ଏ) ମିଳିତ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ମୁମ୍ବାଇ ଫୁଟବଲ ଏରିନାରେ ଖେଳାଯିବ।

୨୦୨୦ ଫିଫା ମହିଳା ୧୭ ବର୍ଷରୁ କମ୍ ଆୟୋଜନ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ରହିଛି। ମହିଳା ଫୁଟବଲ୍‌ରେ ଥାଇଲାଣ୍ଡ ଓ ସ୍ୱିଡେନଙ୍କୁ ଗ୍ଲୋବାଲ ପାୱାର ହାଉସ କୁହାଯାଉଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟ ଖେଳି ଭାରତୀୟ ଫୁଟବଲରମାନେ ଅନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିବେ ବୋଲି ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ କହିଛନ୍ତି। ଦୁଇଟି ବିଶ୍ୱସ୍ତରୀୟ ତଥା କ୍ୱାଲିଟି ଦଳ ବିପକ୍ଷରେ ଖେଳିଲେ ଭାରତୀୟ ଖେଳାଳିମାନେ ବିଶ୍ୱକପ୍ ପାଇଁ ଭଲ ପ୍ରସ୍ତୁତି କରିପାରିବେ । ପ୍ରଥମଥର ପାଇଁ ଏହି ବୟସ ବର୍ଗରେ କୌଣସି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଭାରତରେ ଆୟୋଜନ ହେଉଛି ଓ ଏହାର ସଫଳତା ନେଇ ମୁଁ ବେଶ୍ ଆଶାବାଦୀ ଅଛି ବୋଲି ସେ କହିଛନ୍ତି। ଏଏଫ୍‌ସି, ୟୁଇଏଫ୍‌ଏ, ଏଫ୍‌ଏସ୍‌ଡିଏଲ୍, ହିରୋ ମୋରୋକୋର୍ପ ଓ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟକୁ ଏଥିପାଇଁ କୁଶାଳ କୃତଜ୍ଞତା ଜଣାଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଦଳକୁ ବିଭିନ୍ନ ଦୃଷ୍ଟିକୋଣରୁ ଲାଭ ପହଞ୍ଚାଇବ ବୋଲି ଭାରତୀୟ ୧୭ ବର୍ଷରୁ କମ୍ ଦଳ କୋଚ୍ ଥୋମାସ ଡେନେର କହିଛନ୍ତି। ଦୃଢ଼ ତଥା ବିଶ୍ୱସ୍ତରୀୟ ଦଳ ବିପକ୍ଷରେ ଖେଳିବା ସବୁବେଳେ ଶିକ୍ଷଣୀୟ ହୋଇଥାଏ ବୋଲି ସେ କହିଛନ୍ତି।

**ମାଡ଼ ମାରି ୩ ଗିରଫ**

**କଟକ ଅଫିସ,୮।୧୨:** ନିଯୁକ୍ତିଦାତାଙ୍କୁ ମାଡ଼ ମାରିବା ଅଭିଯୋଗରେ ଜଗତ୍‌ପୁର ପୋଲିସ ରବିବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ବାସିନ୍ଦା ତଥା ଏହି ଥାନା ଅଧୀନ ତରଳରେ ରହୁଥିବା ସୁପ୍ରକାଶ ଦତ୍ତ, ତରଳ ଗ୍ରାମର କୁଶ ନାୟକ ଓ ପଣ୍ଡାସାହିର ସୁଧୀର ମହାନ୍ତି। ଏନେଇ ନିଯୁକ୍ତିଦାତା ସଞ୍ଜୟ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଥିଲା।



## ସଂକ୍ଷେପରେ



### ୩ ବଖରା ଜଳିଗଲା

**ସାଲେପୁର,୮।୧୨(ଡି.ଏନ୍.ଏ.) -** ସାଲେପୁର ବ୍ଲକ ଅନ୍ତର୍ଗତ ମିର୍ଜାପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଗଲା। ଏଥିରେ ତ୍ରିଲୋଚନ ସାହୁ, ନିରଞ୍ଜନ ସାହୁ, ସୁଦର୍ଶନ ସାହୁଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ, ଗହମ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟ ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସାଲେପୁର ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରଗୁଡିକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ୭୦ କଂଗ୍ରେସ କର୍ମୀଙ୍କ ବିଜେଡିରେ ଯୋଗଦାନ

ବାଙ୍କୀ, ୮।୧୨ (ସ୍ୱ.ପ୍ର.)- ବାଙ୍କୀ ଏନ୍‌ଏଏସି ଅନ୍ତର୍ଗତ ଚକାପଦା ଗ୍ରାମର ୧ନମ୍ବର ଓ ୨ନମ୍ବର ୱାର୍ଡର ୭୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ମାୟାଧର ସାମଲ ମିଶ୍ରଣ ପର୍ବରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଚିତ୍ତରଞ୍ଜନ ସାହୁ, ନାରାୟଣ ବେହେରା, ଅମୀୟ ବେହେରା,ପ୍ରଶାନ୍ତ ବେହେରା ଓ ଲକ୍ଷ୍ମୀଧର ପରିଡା ପ୍ରମୁଖ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହାକୁ ହରେକୃଷ୍ଣ ଦାଶ, ସନ୍ତୋଷ କୁମାର ରଣା, ସନାତନ ବେହେରା ଓ ସୌମେନ୍ଦ୍ର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଜମି ବିବାଦକୁ ନେଇ ମାରପିଟ, ମହିଳା ଆହତ

**ଚୌଦ୍ୱାର,୮।୧୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କରଞ୍ଜି ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ରକରି ରବିବାର ଦୁଇ ପରିବାର ଭିତରେ ଗଣ୍ଡଗୋଳ ଘଟି ଜଣେ ମହିଳା ଆହତ ହୋଇଛନ୍ତି। କରଞ୍ଜି ଗ୍ରାମର ଅଭିମନ୍ୟୁ ନାଏକଙ୍କ ଅଭିଯୋଗ ଅନୁଯାୟୀ, ସେ ଘରେ ନ ଥିବାବେଳେ ସେହି ଗ୍ରାମର ଅଲେଖ ନାଏକ ଓ ତାଙ୍କ ସ୍ତ୍ରୀ ବିଦୁ ଅଭିମନ୍ୟୁଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ ରେଣୁଙ୍କୁ ଜମିକଥାକୁ ନେଇ ଗାଳିଗୁଲଜ କରିଥିଲେ। ଏଥିରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହେବାରୁ ଉତ୍ତ୍ୟକ୍ତ ହୋଇ ଅଲେଖ ଏକ କଟୁରିରେ ରେଣୁଙ୍କ ହାତକୁ ହାଣି ଦେଇଥିଲେ। ଏହାସହ ଅଲେଖର ସ୍ତ୍ରୀ ବିଦୁ ମଧ ଏକ ଠେଙ୍ଗାରେ ରେଣୁଙ୍କୁ ପିଟି ପଳାଇଯାଇଥିଲେ। ଅଭିମନ୍ୟୁ ଘରକୁ ଫେରି ରେଣୁଙ୍କୁ ଆହତ ଅବସ୍ଥାରେ ଦେଖି ଟାଙ୍ଗୀ ହସ୍ପିଟାଲରେ ଚିକିତ୍ସା କରାଇଥିଲେ।

## ■ଆତଙ୍କରାଜ, ଦାଦାବଟି ଆଦାୟ ଅଭିଯୋଗ

# ଯୁବ କଂଗ୍ରେସ ନେତା ଗିରଫ

**କଟକ ଅଫିସ, ୮।୧୨**

ଖ୍ରୀଷ୍ଟ ମହାବିଦ୍ୟାଳୟ ଓ ବକ୍ସିବଜାର ଅଞ୍ଚଳରେ ଆତଙ୍କରାଜ ଚଳାଇବା ଏବଂ ଦାଦାବଟି ଆଦାୟ କରିବା ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ଯୁବ କଂଗ୍ରେସ ନେତା ସେକ୍ ଗୁଲଜାର(୩୪)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏହାସହ ତାଙ୍କ ୪ ସହଯୋଗୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଗୁଲଜାରଙ୍କ ନିକଟରୁ ପୋଲିସ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ୬.୭ ଏମ୍‌ଏମ୍ ଗୁଳି ଜବତ କରିଛି। ଗୁଲ୍‌ଜାର କଟକ ଲୋକ ସଭା ଯୁବ ନିର୍ବାଚନୀମଣ୍ଡଳୀର ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ। କିନ୍ତୁ ସେ ଏବେ କଂଗ୍ରେସର କୌଣସି ପଦପଦବୀରେ ନ ଥିବା ନଗର କଂଗ୍ରେସ ସଭାପତି ତଥା ବିଧାୟକ ମହମ୍ମଦ ମୋକିମ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ ଗୁଲଜାର ଖ୍ରୀଷ୍ଟ ମହାବିଦ୍ୟାଳୟ ଛାତ୍ରମାନଙ୍କୁ ଭୟଭୀତ କରି ସେମାନଙ୍କଠାରୁ ଦାଦାବଟି ଆଦାୟ କରୁଥିଲେ। ଶନିବାର ସେଲଟର ଛକ ଅଞ୍ଚଳର ଛାତ୍ର ଅଭିଜିତ ଦାସ ଗୁଲଜାରଙ୍କ ବିରୋଧରେ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଅଭିଜିତ୍‌ଙ୍କ ଅଭିଯୋଗ ମୁତାବକ ଗୁଲଜାର ଓ ତାଙ୍କ ସହଯୋଗୀମାନେ ଆସନ୍ତା ନୂଆବର୍ଷ ପାଳନ ପାଇଁ ତାଙ୍କୁ ଦାଦାବଟି ମାଗିଥିଲେ। ଦାଦାବଟି ଦେବାକୁ ମନା କରିବାରୁ ଗୁଲଜାର ଓ ତାଙ୍କ ସାଥୀ ଅଭିଜିତଙ୍କୁ ଆକ୍ରମଣ କରିବା ସହ ବନ୍ଧୁକ ଦେଖାଇ ବକ୍ସିବଜାର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଥିଲେ। ଫଳରେ ସ୍ଥାନୀୟ ଦୋକାନବଜାର ବନ୍ଦ ହୋଇଯାଇଥିଲା।

**■ବନ୍ଧୁକ ଜବତ**
**■ମହିଳାଙ୍କ ସମେତ ୪ ସହଯୋଗୀଙ୍କୁ ବାନ୍ଧିଲା ପୋଲିସ**

ଅଭିଜିତଙ୍କ ଅଭିଯୋଗ ପରେ ପୋଲିସ ଗୁଲଜାରଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। କିନ୍ତୁ ଜଣେ ମହିଳା ଡିସିପିଙ୍କ ଅଫିସକୁ ଫୋନ କରି ନିଜକୁ କଟକର ଜଣେ ପୂର୍ବତନ ଏମ୍‌ପିଙ୍କ ବୋହୂ ବୋଲି ପରିଚୟ ଦେଇ ଗୁଲଜାରଙ୍କୁ ନ ଧରିବା ପାଇଁ ନାନା ଧମକଚମକ ଦେଇଥିଲେ। ଏ ନେଇ ଡିସିପିଙ୍କ କାର୍ଯ୍ୟାଳୟର କନଷ୍ଟେବଲ ଜ୍ୟୋତିର୍ମୟୀ ପଣ୍ଡାଙ୍କ ଅଭିଯୋଗ କ୍ରମେ ପୋଲିସ ପୁରୀଘାଟ ଥାନା ପୋଲିସ କାଠଗଡ଼ାସାହିର ଗୀତାଞ୍ଜଳି ପଣ୍ଡା(୪୦)ଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁଲଜାରଙ୍କ ଅନ୍ୟ ୩ଜଣ ସହଯୋଗୀ ଅଭିଜିତଙ୍କ ଭାଇଙ୍କୁ ଧମକ ଦେବା ଅଭିଯୋଗରେ ପୋଲିସ ସେମାନଙ୍କୁ ଗିରଫ କରିଛି। ଅଭିଜିତ ଏତଲା ପ୍ରତ୍ୟାହାର କରିବା ଓ ଆପୋସ ସମାଧାନ ପାଇଁ ସେମାନେ ତାଙ୍କ ଭାଇଙ୍କୁ ଧମକ ଦେଇଥିଲେ। ଏ ନେଇ ଅଭିଜିତଙ୍କ ଭାଇ ପ୍ରସନ୍ନଜିତ ବିଡ଼ାନାସୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଫିରିଙ୍ଗି ବଜାର ଅଞ୍ଚଳର ସାହିଲ ପରଭେଜ, ବକ୍ସିବଜାର ଅଞ୍ଚଳର ସେକ୍ ଇମ୍ରାନ ଅହମ୍ମଦ ଏବଂ ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର ଅମରଜିତ୍ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁଲଜାରଙ୍କ ବିରୋଧରେ କଟକ ସହରର ବିଭିନ୍ନ ଥାନାରେ ୧୭ଟି ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।




କଟକ ନୂଆପଡାସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ପିଆଜର ଅହେତୁକ ମୂଲ୍ୟବୃଦ୍ଧିକୁ ନେଇ ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

## ୬୦ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟ ପତ୍ର

**ତିଗିରିଆ,୮।୧୨(ଡି.ଏନ.ଏ)**

ତିଗିରିଆ ଥାନା ପୋଲିସ ପକ୍ଷରୁ ରବିବାର ତିଗିରିଆ ଥାନା ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୬୦ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିବାବେଳେ କଟକ ଜିଲା ଗ୍ରାମାଞ୍ଚଳ ଏସପି ରାଧା ବିନୋଦ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆଲୋକ ରଞ୍ଜନ ରାୟ, ସୂର୍ଯ୍ୟନାରାୟଣ ମହାନ୍ତି, ରୂପା ଦଳେଇ, ବିଜୟଲକ୍ଷ୍ମୀ ଖଟୁଆ ଓ ରଶ୍ମିତା ମହାଳିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୋଲିସର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା। ତିଗିରିଆ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ଶେଷରେ ଧନ୍ୟବାଦ ଦେଇଥିଲେ।

## ନାଏବ ସରପଞ୍ଚଙ୍କୁ ଆକ୍ରମଣ

**ଟାଙ୍ଗୀ(କଟକ)୮।୧୨(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତର ନାଏବ ସରପଞ୍ଚ ଧ୍ରୁବଚରଣ ସାହାଣୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଚିନ୍ତାମଣିପୁର ଗ୍ରାମର ସୁକାନ୍ତ ଦେହୁରୀ। ଶନିବାର ଅପରାହ୍ନରେ ଚିନ୍ତାମଣିପୁର ଗ୍ରାମର ୯ନଂ ୱାର୍ଡସଭ୍ୟ ତଥା ନାଏବ ସରପଞ୍ଚ ଧ୍ରୁବ କୌଣସି କାମରେ ୧୦ନଂ ୱାର୍ଡ଼ ଶବରସାହି ଆସିଥିଲେ। ଲୋକଙ୍କ ସହ ଆଲୋଚନା ବେଳେ ସୁକାନ୍ତ କୌଣସି କାରଣରୁ ଏକ ଠେଙ୍ଗାରେ ଧ୍ରୁବଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଏ ନେଇ ନଂ.୨୬୫/୧୯ରେ ମାମଲା ରୁଜୁହୋଇଛି।

## 'ସମାଜରୁ ସାହିତ୍ୟର ଛିଟା ହଜିବାକୁ ବସିଲାଣି'



ଉତ୍ସବରେ ପଦ୍ମଶ୍ରୀ ଡ. ପ୍ରତିଭା ରାୟ ଓ ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ରଙ୍କୁ ସମ୍ମାନିତ କରାଯାଉଛି।

**କଟକ ଅଫିସ, ୮।୧୨**

ସାମ୍ପ୍ରତିକ ସମାଜରୁ ସାହିତ୍ୟର ଛିଟା ହଜିବାକୁ ବସିଲାଣି। ଏହି ପରିସ୍ଥିତିରେ ସାହିତ୍ୟିକ ଅନୁଷ୍ଠାନ ସାରଳା ସାହିତ୍ୟ ସଂସଦ ଓଡ଼ିଆ ସାହିତ୍ୟକୁ ଆଗକୁ ନେବାରେ ସହାୟକ ହେବ। ଏହାର ନାମକରଣ ଆଦିକବି ସାରଳା ଦାସଙ୍କ ନାମାନୁସାରେ ରଖାଯାଇଛି। ଆଦିକବି ସାରଳା ଦାସ ହେଉଛନ୍ତି ଯୁଗସ୍ରଷ୍ଟା। ଓଡ଼ିଆ ସାହିତ୍ୟରେ ତାଙ୍କର ସ୍ଥାନ ସ୍ୱତନ୍ତ୍ର। ତାଙ୍କ ରଚନାଗୁଡ଼ିକ ମଧ୍ୟରୁ ସାରଳା ମହାଭାରତ ପ୍ରସିଦ୍ଧ ବୋଲି ରବିବାର କଟକ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ମୁଖ୍ୟବକ୍ତା ବିଜୟ କୁମାର ନାୟକ କହିଥିଲେ, ସାହିତ୍ୟକୁ ବଞ୍ଚାଇ ରଖିବାରେ ସାରଳା ସାହିତ୍ୟ ସଂସଦ ଏକ ମାଧ୍ୟମ। ଏଥିରେ ସମ୍ମାନିତ ଅତିଥି ଭାବେ ଚିତ୍ରା ମୁଦଗଲ, ସଂସଦର ମୁଖ୍ୟ ଉପଦେଷ୍ଟା ସହଦେବ ସାହୁ ଯୋଗଦେଇଥିଲେ। ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଡ. ପ୍ରତିଭା ରାୟଙ୍କୁ ସାରଳା ସମ୍ମାନ ଓ ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ରଙ୍କୁ କଳିଙ୍ଗ ରତ୍ନ ଉପାଧି ପ୍ରଦାନ କରାଯାଇଥିଲା। ରୁମଝୁମ ନାୟକ ଧନ୍ୟବାଦ ଦେଇଥିଲେ।

## ଗୋଆ ନେଭି ସେଣ୍ଟର ଯିବେ ବସ୍ତି ପିଲା



**କଟକ ଅଫିସ,୮।୧୨**

ବସ୍ତି ପିଲା ଯିବେ ଗୋଆ। ସେଠାରେ ଥିବା ଭାରତୀୟ ନୌସେନା ଶିବିରରେ ଜୀବନରକ୍ଷା କରିବାର ଅତ୍ୟାଧୁନିକ କୌଶଳ ଶିକ୍ଷା ଦିଆଯିବ। ରାଜ୍ୟରେ କୌଣସି ପ୍ରାକୃତିକ ଦୁର୍ବିପାକ ହେଲେ ଏହି ପିଲାମାନେ ସାହାଯ୍ୟର ହାତ ବଢାଇବେ। ଏଭଳି ଲକ୍ଷ୍ୟ ରଖି କଳିଙ୍ଗ ଡାଇଭର୍ସ ଫାଉଣ୍ଡେଶନର ମୁଖ୍ୟ ତଥା ଅନ୍ତର୍ଜାତୀୟ ସମୁଦ୍ରବୁଡ଼ାଳିସବିର ବକ୍ସ ମହାନଦୀରେ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ କରିଛନ୍ତି। ଏଥିରେ ବସ୍ତିର ପ୍ରାୟ ୨୦ଜଣ ପିଲାଙ୍କୁ ପ୍ରାରମ୍ଭିକ ପ୍ରଶିକ୍ଷଣ ଦିଆଯାଉଛି। ସେମାନଙ୍କ ମଧ୍ୟରୁ ୬ଜଣ ବୃତ୍ତାନ୍ତ ହୋଇ ଖୁବ୍‌ଶୀଘ୍ର ଗୋଆ ଯାତ୍ରା କରିବେ ବୋଲି ସବିର କହିଥିଲେ।

ଗୋଆର ଭାସ୍କୋଡାଗାମାଠାରେ ଇଣ୍ଡିଆନ ନେଭି ୱାଟରମ୍ୟାନଶିପ୍ ଟ୍ରେନିଂ ସେଣ୍ଟର ଅଛି। ଡିସେମ୍ବର ୨ରୁ ଜାନୁୟାରୀ ୯ ତାରିଖ ପର୍ଯ୍ୟନ୍ତ ଏଠାରେ ସ୍ୱତନ୍ତ୍ର ତାଲିମ ଦିଆଯାଉଛି। ବୁଡ଼ିଯାଉଥିବା ମଣିଷକୁ ରକ୍ଷାକରିବାର କୌଶଳ ବିଶେଷଭାବେ ଶିକ୍ଷା ଦିଆଯାଉଛି। ଏହାଛଡ଼ା ସ୍କୁବା ଡାଇଭିଂ ଓ ଅନ୍ୟ ଜଳକ୍ରୀଡ଼ା ମଧ ଶିକ୍ଷା ଦିଆଯିବ। କିଛିଦିନ ତଳେ ସେଣ୍ଟରର ମୁଖ୍ୟ କମାଣ୍ଡର ଶେରପାଲ ସିଂ ଚିଲିକା ଆସିଥିଲେ। ଏହି ସମୟରେ ସବିର ତାଙ୍କୁ ଭେଟିବା ସହ ଗୋଆ ଶିବିରରେ ଓଡ଼ିଶାର ପିଲାଙ୍କୁ ସୁଯୋଗ ଦେବା ପାଇଁ ଆଲୋଚନା କରିଥିଲେ। ଶେରପାଲଙ୍କ ସହମତି ପରେ ମହାନଦୀରେ ସବିର ଶିବିର ଆରମ୍ଭ କରିଛନ୍ତି। କେବଳ ଯାତାୟାତ ଖର୍ଚ୍ଚ ସବୀର ପ୍ରଦାନ କରୁଥିବାବେଳେ ଅନ୍ୟ ସମସ୍ତ ଖର୍ଚ୍ଚ ଇଣ୍ଡିଆନ ନେଭି ୱାଟରମ୍ୟାନସିପ୍ ଟ୍ରେନିଂ ସେଣ୍ଟର ବହନ କରିବ। ଆସନ୍ତା ସପ୍ତାହ ମଧ୍ୟରେ ବୃତ୍ତାନ୍ତ ପିଲାଙ୍କୁ ଗୋଆ ପଠାଯିବ ବୋଲି ସବିର କହିଛନ୍ତି।

**ମହାନଦୀରେ ଚାଲିଛି ପ୍ରଶିକ୍ଷଣ**

**ଅଲିମ୍ପିକର ସେଲିଂ କ୍ରୀଡ଼ା ପାଇଁ ସୁଯୋଗ ସୃଷ୍ଟି କରାଯିବ**

କିଛିଦିନ ଗୋଆରେ ତାଲିମ ନେବାର ସୁଯୋଗ ରହିଛି। ଏହି ସମୟ ମଧ୍ୟରେ ଓଡ଼ିଶାର ପିଲାଙ୍କୁ ସେଲିଂ(ଦୁଃସାହାସିକ ନୌଚାଳନା) ଶିକ୍ଷା ଦିଆଯିବ। ଆଗାମୀ ଦିନରେ ଏହି ପିଲାମାନଙ୍କୁ ନେଇ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯିବ ଓ ଅଲିମ୍ପିକର ସେଲିଂ କ୍ରୀଡ଼ା ନିମନ୍ତେ ଓଡ଼ିଶାରୁ ସୁଯୋଗ ସୃଷ୍ଟି କରାଯିବ ବୋଲି ସବୀର କହିଥିଲେ।

## କଟକର ମଙ୍ଗଳା କ୍ଲବ ଚାମ୍ପିୟନ

**ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

**ଖୁଣ୍ଟୁଣୀ,୮।୧୨(ଡି.ଏନ୍.ଏ)**

ଆଠଗଡ଼ ବ୍ଲକ ଓରନ୍ଦା ପଞ୍ଚାୟତର ବାଲୀ ଗ୍ରାମ ଖେଳପଡ଼ିଆରେ ଚାଲିଥିବା ୪ର୍ଥ ବାର୍ଷିକୀ ପ୍ରଦୀପ୍ତ ମିଶ୍ର ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ କନ୍ଦରପୁର ବାରଦା ଏକାଦଶକୁ ୪-୦ ଗୋଲରେ ହରାଇ କଟକର ମଙ୍ଗଳା କ୍ଲବ ଚଳିତବର୍ଷ ଚାମ୍ପିୟନ ହୋଇଛି। ବାଲୀ ବନଦୁର୍ଗା ସ୍ପୋର୍ଟସ କ୍ଲବ ଓ ପଦ୍ରୀପ୍ତ ମିଶ୍ର ଫାଉଣ୍ଡେଶନ କଟକର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମ୍ୟାଚର ଫାଇନାଲର ପ୍ରଥମାର୍ଦ୍ଧରେ ମଙ୍ଗଳା କ୍ଲବ ଗୋଟିଏ ଗୋଲ ଦେଇ ଅଗ୍ରଣୀ ଥିବାବେଳେ ଦ୍ୱିତୀୟାର୍ଦ୍ଧରେ ୮ନଂ ଖେଳାଳି ଗଣେଶ ଆଉ୨ଟି ଗୋଲ ଦେଇ ଖେଳକୁ ଆଗକୁ ନେଇଥିଲେ। ଶେଷ ସମୟରେ ଦଳ ଆଉ ଗୋଟିଏ ଗୋଲ ଦେଇ ଖେଳକୁ ନିଜ ଅକ୍ତିଆରକୁ ଆଣିଦେଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଲୋକ ସେବକ ମଣ୍ଡଳର ସଦସ୍ୟ ଡ. ପ୍ରଭାସ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଡା.ଚିତ୍ତରଞ୍ଜନ ମହାନ୍ତି, ବ୍ୟଙ୍ଗ ଚିତ୍ରଶିଳ୍ପୀ ଅଶୋକ, ଗୁରୁଡିଝାଟିଆ ଥାନାଧିକାରୀ ବିଜୟ କେତନ ବିଶି, ସିନେ ହାସ୍ୟ କଳାକାର ଟଲିଆ, ଜିଲା ପରିଷଦ ସଦସ୍ୟ କେଶବ ଦଳେଇ, ପ୍ରଦୀପ୍ତ ମିଶ୍ର ଫାଉଣ୍ଡେଶନ ଅଧ୍ୟକ୍ଷ ଗିରିଜା ମିଶ୍ର, ଓରନ୍ଦା ସରପଞ୍ଚ ପ୍ରତାପ ଦେହୁରୀ, ବିନୟ ସାହୁ ଏବଂ ଉମେଶ ମିଶ୍ର ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିବା ସହ ନଗଦ ଅର୍ଥ ପ୍ରଦାନ କରିଥିଲେ। ଚାମ୍ପିୟନ ଦଳର ୧୧ନଂ ଖେଳାଳି ଲକିଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ୮ନଂ ଖେଳାଳି ଗଣେଶଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ଗୋଲ ରକ୍ଷକ ମୁନାଙ୍କୁ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଥିଲା। ସଞ୍ଜୀବ ଦାସ, ଇମତାଜ ଜାହିର ଓ ପ୍ରଭାକର ବେହେରା ଖେଳ ପରିଚାଳନା କରିଥିଲେ। ବନଦୁର୍ଗା ସ୍ପୋର୍ଟସ କ୍ଲବର ସଭାପତି, ସମ୍ପାଦକ ଓ ସମସ୍ତ କର୍ମକର୍ତ୍ତା ଖେଳରେ ସହାୟତା କରିଥିଲେ।

## ଶୃଙ୍ଖଳା ବଜାୟ ରଖିଲେ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବ

**ବାଙ୍କୀ, ୮।୧୨ (ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଦିବସ ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ସଦାନନ୍ଦ ବାରିକ ଏଥିରେ ଯୋଗଦେଇଥିଲେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କଲେଜର ଦୃଶ୍ୟଶ୍ରାବ୍ୟ ଗୃହରେ ଆୟୋଜିତ ସଭାରେ କଲେଜ ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। କଲେଜର ଉପାଧ୍ୟକ୍ଷ ଡ.ଅରୁଣ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବାଙ୍କୀର କଣ୍ଠଶିଳ୍ପୀ ଶ୍ୟାମାମଣୀ ଦେବୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ କହିଥିଲେ,ଛାତ୍ରୀଛାତ୍ରମାନେ ଶିକ୍ଷା ଦାନ କରିବା ସହ ନିଜ ମଧ୍ୟରେ ଆଧାତ୍ମିକ ଭାବ ସୃଷ୍ଟି କରିବା ଆବଶ୍ୟକ। ନିଜ ଭିତରେ ଶୃଙ୍ଖଳା ବଜାୟ ରଖିଲେ ଶିକ୍ଷାପ୍ରତି ଆଗ୍ରହ ବଢ଼ିବ ବୋଲି ସେ ମତବ୍ୟକ୍ତ କରିଥିଲେ। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ଶ୍ୟାମାମଣୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଶାସନିକ ଅଧିକାରୀ ସମୀର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀଧର ବାରିକ ଉଦ୍‌ଯାପନ ସଂଗୀତ ଗାନ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ, ବ୍ରଜ କିଶୋର ମହାପାତ୍ର, ବ୍ରଜବନ୍ଧୁ ପାଲ୍, ବିରଞ୍ଚି ନାରାୟଣ ଦାଶ, ଶରତଚନ୍ଦ୍ର ମହାପାତ୍ର ଓ ରଞ୍ଜନ କୁମାର ସାମନ୍ତରାୟଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।



ଶ୍ୟାମାମଣୀ ଦେବୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## କ୍ୟାମ୍ପସ୍ ହାଲଚାଲ୍

# ପରୀକ୍ଷାଠୁ ପିକ୍‌ନିକ୍ ଯାଏ ଚାଲିଛି ଚର୍ଚ୍ଚା



କଟକ ଅଫିସ,୮।୧୨- ସୋସିଆଲ ମିଡ଼ିଆ ସହ ଅଧିକ ମାତ୍ରାରେ ଜଡ଼ିତ ଯୁବପିଢ଼ି। ଏହି ଜରିଆରେ ଯୁବପିଢ଼ିଙ୍କ ପାଖରେ ଦେଶବିଦେଶର ଖବର ସବୁବେଳେ ମହଜୁଦ। ଘଟଣା ହେଉ କି ଦୁର୍ଘଟଣା, ଦେଶର ରାଜନୀତି ହେଉ କି ଅର୍ଥନୀତି। ସବୁ ପ୍ରସଙ୍ଗରେ ଯୁବପିଢ଼ି ଅଳ୍ପବହୁତେ ଜାଣନ୍ତି। ଏଭଳି ଏକ ଯୁବପିଢ଼ିଙ୍କ ସହ ଆଲୋଚନା କରିବାକୁ ଆମେ ଯାଇ ପହଞ୍ଚିଥିଲୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ। ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଗଣଯୋଗାଯୋଗ ବିଭାଗର ସ୍ନାତକୋତ୍ତର ଛାତ୍ରମାନେ ହେରିଟେଜ ହଲ୍ ନିକଟରେ କ୍ଲାସ ଶେଷକରି ଖଟି ଜମାଇଥିଲେ। ସେଠାରେ ସେମାନେ ଆଲୋଚନା କରୁଥିବା ବିଷୟବସ୍ତୁକୁ ନେଇ ଏହି ସ୍ୱତନ୍ତ୍ର ସ୍ତମ୍ଭ...

କ୍ୟାମ୍ପସରେ ସବୁଦିନ ଦେଖା ହୁଏନି। ଯେବେ ବି ଦେଖାହୁଏ ଢେର ସମୟ ଯାଏଁ ଖଟି ଚାଲେ। ଅପରାହ୍ନରେ ଦେଖାହେଲେ ସନ୍ଧ୍ୟା ପୂର୍ବରୁ ଘରକୁ ଫେରିଯିବାର ଯୋଜନା ଥାଏ। ହେଲେ ରାତି ୮ଟା ନ ହେଲା ଯାଏଁ କେହି ଖଟି ଭାଙ୍ଗି ଯାଆନ୍ତିନି ବୋଲି କହିଥିଲେ ଛାତ୍ର ସତ୍ୟବ୍ରତ ପ୍ରଧାନ। ଖଟିରେ କ'ଣ ଚର୍ଚ୍ଚା ଚାଲୁଛି ବୋଲି ପଚାରିବାରୁ ସେ କହିଥିଲେ, ଏବେ ପରୀକ୍ଷା ଚିନ୍ତା। ସେମିଷ୍ଟାର ଚାଲିଥିବାରୁ ସିଲାବସ୍ କେମିତି ଶେଷ କରିବୁ ସେ ବିଷୟରେ ଆଲୋଚନା କରୁଥିଲୁ। ଏହା ବ୍ୟତୀତ ଡିସେମ୍ବର ୨୨ରେ ବାରବାଟୀରେ ହେବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍‌ରେ କେମିତି ଟିକେଟ୍ ହାସଲ କରିବୁ ସେ ବିଷୟରେ ବି ଆଲୋଚନା ହୋଇଛି। ସେହିପରି ଏଠାରେ ଉପସ୍ଥିତ ଥିବା ଅମର୍ତ୍ତ୍ୟ ଅନୁରାଗ କହିଥିଲେ, କଟକିଆ ହୋଇ ବାରବାଟୀରେ ମ୍ୟାଚ୍ ନ ଦେଖିଲେ ଖାଦ୍ୟ ହଜମ ହେବନି। ଯାହାହେଲେ ବି ଧାଡ଼ିରେ ଠେଲାପେଲା କରି ଟିକେଟ କିଣିବୁ। ମୁହଁରେ ତ୍ରିରଙ୍ଗା ଆଙ୍କି 'ଟିମ୍ ଇଣ୍ଡିଆ'କୁ ଉତ୍ସାହିତ କରିବୁ। ଛାତ୍ର ସାର୍ଥକ ରାୟ କହିଥିଲେ, ପିକ୍‌ନିକ୍ ଋତୁ ଆସିଥିବାରୁ କେଉଁଆଡେ ପିକ୍‌ନିକ୍ ଯିବୁ ସେ ନେଇ ଆଲୋଚନା ମଧ୍ୟ ଏଠାରେ ହୋଇଥିଲା। ପୂର୍ବବର୍ଷ ବାଲେଶ୍ୱର ଚାନ୍ଦିପୁର ଯାଇଥିଲୁ। ହେଲେ କିଛି କାରଣବଶତଃ ପୂର୍ବ ପିକ୍‌ନିକ୍ ମଜାଦାର ହୋଇପାରିଲାନି। ଏଣୁ ଏଥର ସବୁ ପିଲାଙ୍କ ସହ ଯୋଗାଯୋଗ ଜାରି ରହିଛି। କେଉଁ ସ୍ଥାନକୁ ଯିବୁ ସେ ବିଷୟରେ ଖଟି ଚାଲିଥିଲା ବୋଲି ସାର୍ଥକ କହିଥିଲେ। ଏହାଛଡ଼ା ଏହି ଖଟିରେ ଟ୍ରାଫିକ ବ୍ୟବସ୍ଥାର ଚାଲାଣ ପ୍ରସଙ୍ଗ, ହାଇଦ୍ରାବାଦରେ ମହିଳା ପ୍ରାଣୀ ଚିକିତ୍ସକ ହତ୍ୟା ଘଟଣା ବିଷୟକୁ ନେଇ ମଧ୍ୟ ଦୀର୍ଘସମୟର ଆଲୋଚନା କରାଯାଇଥିଲା। ଛାତ୍ର ପବିତ୍ର କୁମାର ସ୍ୱାଇଁ, ସିଦ୍ଧାର୍ଥ ଦାସ, ବିନାୟକ ସିଂ, ଗୌରୀ ପ୍ରସାଦ ନାୟକ, ସମ୍ବିତ ବାନାର୍ଜୀ, ସୁଦୀପ୍ତ ସୁନ୍ଦର ଏହି ଖଟିରେ ଉପସ୍ଥିତ ଥିଲେ।

**ଚୁମ୍ବକରେ ରେଭେନ୍‌ଶା**

ମହାନଦୀ ଦେଇ ବ୍ରିଟିଶ ସରକାର କଟକକୁ ପ୍ରବେଶ କରୁଥିଲେ। ଯୋବ୍ରା ଥିଲା ପ୍ରବେଶ ପଥ। ଯୋବ୍ରାଠାରୁ କିଛି ଦୂରରେ ଏକ ବିଶାଳ ପଡ଼ିଆ ଥିଲା। ଏହାର ନାମ ଚକ୍ରି ପଡ଼ିଆ ଥିବାବେଳେ ଏଠାରେ ବ୍ରିଟିଶ ଲୋକଙ୍କ ଘୋଡା ବନ୍ଧା ଯାଉଥିଲା। ଇଂରେଜ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ 'ଥୋମାସ୍ ଏଡୱାର୍ଡ ରେଭେନ୍‌ଶା'ଙ୍କ ନାମ ଅନୁସାରେ ଏକ ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିଲା। ଏବେ ଏହି ଶିକ୍ଷାନୁଷ୍ଠାନ ୧୫୦ବର୍ଷରେ ପଦାର୍ପଣ କରିଛି। ଏଠାରେ ୮୦୦୦ ବିଦ୍ୟାର୍ଥୀ ଥିବାବେଳେ ୩୪ଟି ବିଭାଗ ରହିଛି। ସର୍ବପୁରାତନ କନିକା ଲାଇବ୍ରେରି ଏହିବିଶ୍ୱବିଦ୍ୟାଳୟରେ ରହିଛି। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ୨୦୦୨ ମସିହାରେ ଆରମ୍ଭ ହୋଇଥିଲା। ଏଠାରେ ଉଭୟ ସ୍ନାତକ ଓ ସ୍ନାତକୋତ୍ତରର ପାଠ୍ୟକ୍ରମ ରହିଛି।

**-ରିପୋର୍ଟ: ଅଶୋକ କୁମାର ବାରିକ**

## ମାଡ଼ ମାରି ୩ ଗିରଫ

**କଟକ ଅଫିସ,୮।୧୨:** ନିଯୁକ୍ତିଦାତାଙ୍କୁ ମାଡ଼ ମାରିବା ଅଭିଯୋଗରେ ଜଗତ୍‌ପୁର ପୋଲିସ ରବିବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ବାସିନ୍ଦା ତଥା ଏହି ଥାନା ଅଧୀନ ତରଳରେ ରହୁଥିବା ସୁପ୍ରକାଶ ଦତ୍ତ, ତରଳ ଗ୍ରାମର କୁଶ ନାୟକ ଓ ପଣ୍ଡାସାହିର ସୁଧୀର ମହାନ୍ତି। ଏନେଇ ନିଯୁକ୍ତିଦାତା ସଞ୍ଜୟ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଥିଲା।

**ସଂକ୍ଷେପରେ**

## କୀଟନାଶକ ପିଇ ମହିଳାଙ୍କ ମୃତ୍ୟୁ, ସ୍ୱାମୀ ଗିରଫ

**ଟାଙ୍ଗୀ(କଟକ),୮।୧୨(ଡି.ଏନ୍.ଏ):** ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡ଼ା ପଞ୍ଚାୟତ ସାନ ଲେଖନପୁର ଗ୍ରାମରେ ଶନିବାର ଜଣେ ମହିଳା କୀଟନାଶକ ପିଇବାରୁ ମୃତ୍ୟୁ ହୋଇଛି। କିନ୍ତୁ ବାପଘର ଲୋକେ ଝିଅକୁ ଯୌତୁକ ନିର୍ଯାତନା ଦେଇ ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି। ଏ ନେଇ ନଂ. ୨୬୪/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଲୋକନାଥ ତରାଇ। ସୂଚନା ମୁତାବକ, ଲୋକନାଥଙ୍କ ସ୍ତ୍ରୀ ଦୀପ୍ତି ତରାଇ(୨୪) ଗତ ଶନିବାର ଘରେ ଥିବା ଏକ କୀଟନାଶକ ପିଇ ଦେଇଥିଲେ। ଶାଶୁଘର ଲୋକେ ଦୀପ୍ତିଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଦୀପ୍ତିଙ୍କ ମୃତ୍ୟୁ ହୋଇଥିଲା।

## ଜମି ବିବାଦକୁ ନେଇ ମାରପିଟ, ମହିଳା ଆହତ

**ଚୌଦ୍ୱାର,୮।୧୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କରଞ୍ଜି ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ରକରି ରବିବାର ଦୁଇ ପରିବାର ଭିତରେ ଗଣ୍ଡଗୋଳ ଘଟି ଜଣେ ମହିଳା ଆହତ ହୋଇଛନ୍ତି। କରଞ୍ଜି ଗ୍ରାମର ଅଭିମନ୍ୟୁ ନାଏକଙ୍କ ଅଭିଯୋଗ ଅନୁଯାୟୀ, ସେ ଘରେ ନ ଥିବାବେଳେ ଅଲେଖ ନାଏକ ଓ ତାଙ୍କ ସ୍ତ୍ରୀ ବିଦୁ ଅଭିମନ୍ୟୁଙ୍କ ଘରକୁ ଯାଇ ସ୍ତ୍ରୀ ରେଣୁଙ୍କୁ ଜମିକଥାକୁ ନେଇ ଗାଳିଗୁଲଜ କରିଥିଲେ। ଏଥିରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହେବାରୁ ଉତ୍ତ୍ୟକ୍ତ ହୋଇ ଅଲେଖ ଏକ କଟୁରିରେ ରେଣୁଙ୍କ ହାତକୁ ହାଣି ଦେଇଥିଲେ। ସେହିପରି ବିଦୁ ମଧ୍ୟ ଏକ ଠେଙ୍ଗାରେ ରେଣୁଙ୍କୁ ପିଟି ପଳାଇଯାଇଥିଲେ। ଅଭିମନ୍ୟୁ ଘରକୁ ଫେରି ରେଣୁଙ୍କୁ ଟାଙ୍ଗୀ ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ। ଏ ନେଇ ସେ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ।

## ବାପାଙ୍କୁ ଆକ୍ରମଣ କରି ପୁଅ ଗିରଫ

**କଣ୍ଟାପଡା,୮।୧୨(ଡି.ଏନ୍.ଏ):** ବାପାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଓଲଟପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଛେଦା ଗ୍ରାମର ସୁକାନ୍ତ ବେହେରା(୩୮)। ଏ ନେଇ ପୋଲିସ ନଂ. ୯୬/୧୯ରେ ଏକ ମାମଲା ରୁଜୁ କରିଛି। ସୂଚନା ମୁତାବକ, ଶନିବାର ଅପରାହ୍ନରେ ସୁକାନ୍ତ ତାଙ୍କ ବାପା ବାସୁଦେବଙ୍କୁ ଗାଳିଗୁଲଜ କରୁଥିଲେ। ସୁକାନ୍ତଙ୍କ ଭାଇ ବସନ୍ତ ଏହାର ପ୍ରତିବାଦ କରିବାରୁ ସୁକାନ୍ତ ବାପା ଓ ଭାଇଙ୍କୁ ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ବାସୁଦେବଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ପରିବାର ଲୋକେ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ଏ ସମ୍ପର୍କରେ ବସନ୍ତ ଥାନାରେ ଏତଲା ଦେଇଥିଲେ।

**■ ଆତଙ୍କରାଜ, ଦାଦାବଟି ଆଦାୟ ଅଭିଯୋଗ**

# ଯୁବ କଂଗ୍ରେସ ନେତା ଗିରଫ

**■ବନ୍ଧୁକ ଜବତ**
**■ମହିଳାଙ୍କ ସମେତ ୪ ସହଯୋଗୀଙ୍କୁ ବାନ୍ଧିଲା ପୋଲିସ**

**କଟକ ଅଫିସ, ୮।୧୨**

ଖ୍ରୀଷ୍ଟ ମହାବିଦ୍ୟାଳୟ ଓ ବକ୍ସିବଜାର ଅଞ୍ଚଳରେ ଆତଙ୍କରାଜ ଚଳାଇବା ଏବଂ ଦାଦାବଟି ଆଦାୟ କରିବା ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ଯୁବ କଂଗ୍ରେସ ନେତା ସେକ୍ ଗୁଲଜାର(୩୪)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏହାସହ ତାଙ୍କ ୪ ସହଯୋଗୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଗୁଲଜାରଙ୍କ ନିକଟରୁ ପୋଲିସ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ୬.୭ ଏମ୍ଏମ୍ ଗୁଳି ଜବତ କରିଛି। ଗୁଲ୍‌ଜାର କଟକ ଲୋକ ସଭା ଯୁବ ନିର୍ବାଚନୀମଣ୍ଡଳୀର ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ। କିନ୍ତୁ ସେ ଏବେ କଂଗ୍ରେସର କୌଣସି ପଦପଦବୀରେ ନ ଥିବା ନଗର କଂଗ୍ରେସ ସଭାପତି ତଥା ବିଧାୟକ ମହମ୍ମଦ ମୋକିମ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ ଗୁଲଜାର ଖ୍ରୀଷ୍ଟ ମହାବିଦ୍ୟାଳୟ ଛାତ୍ରମାନଙ୍କୁ ଭୟଭୀତ କରି ସେମାନଙ୍କଠାରୁ ଦାଦାବଟି ଆଦାୟ କରୁଥିଲେ। ଶନିବାର ସେଲଟର ଛକ ଅଞ୍ଚଳର ଛାତ୍ର ଅଭିଜିତ ଦାସ ଗୁଲଜାରଙ୍କ ବିରୋଧରେ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଅଭିଜିତ୍‌ଙ୍କ ଅଭିଯୋଗ ମୁତାବକ ଗୁଲଜାର ଓ ତାଙ୍କ ସହଯୋଗୀମାନେ ଆସନ୍ତା ନୂଆବର୍ଷ ପାଳନ ପାଇଁ ତାଙ୍କୁ ଦାଦାବଟି ମାଗିଥିଲେ। ଦାଦାବଟି ଦେବାକୁ ମନା କରିବାରୁ ଗୁଲଜାର ଓ ତାଙ୍କ ସାଥୀ ଅଭିଜିତଙ୍କୁ ଆକ୍ରମଣ କରିବା ସହ ବନ୍ଧୁକ ଦେଖାଇ ବକ୍ସିବଜାର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଥିଲେ। ଫଳରେ ସ୍ଥାନୀୟ ଦୋକାନବଜାର ବନ୍ଦ ହୋଇଯାଇଥିଲା।

ଅଭିଜିତଙ୍କ ଅଭିଯୋଗ ପରେ ପୋଲିସ ଗୁଲଜାରଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। କିନ୍ତୁ ଜଣେ ମହିଳା ଡିସିପିଙ୍କ ଅଫିସକୁ ଫୋନ କରି ନିଜକୁ କଟକର ଜଣେ ପୂର୍ବତନ ଏମ୍‌ପିଙ୍କ ବୋହୂ ବୋଲି ପରିଚୟ ଦେଇ ଗୁଲଜାରଙ୍କୁ ନ ଧରିବା ପାଇଁ ନାନା ଧମକଚମକ ଦେଇଥିଲେ। ଏ ନେଇ ଡିସିପିଙ୍କ କାର୍ଯ୍ୟାଳୟର କନଷ୍ଟେବଳ ଜ୍ୟୋତିର୍ମୟୀ ପଣ୍ଡାଙ୍କ ଅଭିଯୋଗ କ୍ରମେ ପୋଲିସ ପୁରୀଘାଟ ଥାନା ପୋଲିସ କାଠଗଡ଼ାସାହିର ଗୀତାଞ୍ଜଳି ପଣ୍ଡା(୪୦)ଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁଲଜାରଙ୍କ ଅନ୍ୟ ୩ଜଣ ସହଯୋଗୀ ଅଭିଜିତଙ୍କ ଭାଇଙ୍କୁ ଧମକ ଦେବା ଅଭିଯୋଗରେ ପୋଲିସ ସେମାନଙ୍କୁ ଗିରଫ କରିଛି। ଅଭିଜିତ ଏତଲା ପ୍ରତ୍ୟାହାର କରିବା ଓ ଆପୋସ ସମାଧାନ ପାଇଁ ସେମାନେ ତାଙ୍କ ଭାଇଙ୍କୁ ଧମକ ଦେଇଥିଲେ। ଏ ନେଇ ଅଭିଜିତଙ୍କ ଭାଇ ପ୍ରସନ୍ନଜିତ ବିଡ଼ାନାସୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଫିରିଙ୍ଗି ବଜାର ଅଞ୍ଚଳର ସାହିଲ ପରଭେଜ, ବକ୍ସିବଜାର ଅଞ୍ଚଳର ସେକ୍ ଇମ୍ରାନ ଅହମ୍ମଦ ଏବଂ ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର ଅମରଜିତ୍ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁଲଜାରଙ୍କ ବିରୋଧରେ କଟକ ସହରର ବିଭିନ୍ନ ଥାନାରେ ୧୭ଟି ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।



କଟକ ନୂଆପଡାସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ପିଆଜର ଅହେତୁକ ମୂଲ୍ୟବୃଦ୍ଧିକୁ ନେଇ ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

# ସାଧୁ ବେଶରେ ଚୋରି କରି ୨ ଗିରଫ

**ଭୁବନେଶ୍ୱର, ୮।୧୨(ବ୍ୟୁରୋ)**

ଚୋରି ପାଇଁ ସାଧୁବେଶ ଭଳି ଅଭିନବ ଉପାୟ ଆପଣେଇବା ଶେଷରେ ମହଙ୍ଗା ପଡ଼ିଛି। ମିଠା କହି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ଘରେ କଳାକନା ବୁଲାଉଥିବା ୨ ଅଭିଯୁକ୍ତଙ୍କୁ ରବିବାର ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶର ରାଜା ଯୋଗୀ ଓ ସୁରେଶ ଯୋଗୀ। ଦୁହେଁ ଭୁବନେଶ୍ୱରସ୍ଥ ପଟିଆ ଷ୍ଟେଶନ ଅଞ୍ଚଳରେ ରହୁଥିଲେ। ସୂଚନା ମୁତାବକ, ଚୋରି କରିବା ପାଇଁ ରାଜା ଓ ସୁରେଶ ସାଧୁବେଶ ଧାରଣ କରୁଥିଲେ। ଗତ ଜୁଲାଇ ୧୬ତାରିଖ ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଦୁହେଁ ଡମଣା ଅଞ୍ଚଳର ଶରତ ଚନ୍ଦ୍ର ମଲ୍ଲିକଙ୍କ ଘରେ ପହଞ୍ଚିଥିଲେ। ତାଙ୍କ କବାଟ ବାଡ଼େଇ ପିଇବାକୁ ପାଣି ମାଗିଥିଲେ। ପାଣି ପିଇବା ପରେ ମିଠା କଥା କହି ସେମାନଙ୍କ ପ୍ରତି ଶରତଙ୍କ ମନରେ ମିଛ ବିଶ୍ୱାସ ଜନ୍ମାଇଥିଲେ। ଏହାପରେ ଭବିଷ୍ୟବାଣୀ କହିବା ନାଁରେ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ପୂଜାରେ ଆଖି ବନ୍ଦ କରି ବସିବାକୁ କହିଥିଲେ। ଶରତ ଓ ପରିବାର ଲୋକେ ଆଖି ବନ୍ଦ କରି ବସିବା ସମୟରେ ସେମାନେ ତାଙ୍କ ଘରୁ ୬ହଜାର ୫ଶହ ଟଙ୍କା, ଏକ ଏଲ୍‌ଇଡି ଟିଭି ନେଇ ଫେରାର ହୋଇଯାଇଥିଲେ। ଶନିବାର ଦୁହିଁଙ୍କୁ ଶରତ ଦେଖି ଫଟୋ ଉଠାଇ ପୋଲିସକୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ପଟିଆ ଷ୍ଟେଶନ ଅଞ୍ଚଳରୁ ଧରିଆଣି ତଦନ୍ତ ଆରମ୍ଭ କରିଥିଲା। ପଚରାଉଚରା ବେଳେ ସେମାନେ ଏଭଳି ଭାବେ ଚୋରି କରୁଥିବା କହିଥିଲେ। ଏ ନେଇ ପୋଲିସ ୪୯୨/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।

## ନାଗେଶ୍ୱର ନାଥ ବଞ୍ଚାଅ କମିଟିର ବୈଠକ

**କଟକସଦର,୮।୧୨(ଡି.ଏନ୍.ଏ)**

କଟକସଦର ବ୍ଲକ ଅନ୍ତର୍ଗତ ଆୟତପୁର ପଞ୍ଚାୟତ ନାଗେଶ୍ୱର ମନ୍ଦିର ବଞ୍ଚାଅ କମିଟିର ସାଧାରଣ ବୈଠକ ରବିବାର ସ୍ଥାନୀୟ ଖେଳପଡ଼ିଆରେ ଆଇନଜୀବୀ ଅଶୋକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ବାର୍ଷିକ ଯଜ୍ଞ, ଦେବଙ୍କ ଭୂସମ୍ପତ୍ତିକୁ ବ୍ୟକ୍ତିଗତ ମାଲିକାନାରୁ ଫେରାଇ ଆଣିବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ସରପଞ୍ଚ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ନିମାଇଁଚରଣ ମହାପାତ୍ର, ଯତୀନ କୁମାର ରାଉଳ, ରୋହିତ କୁମାର ଜେନା, ଫକୀର ମହାରଣା, ତ୍ରୈଲୋକ୍ୟ ଜେନା, ମୀନକେତନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶୈବପୀଠର ସୁରକ୍ଷା, ନୀତିକାନ୍ତିକୁ ସୁସଙ୍ଗଠିତ କରିବା ସହ ମନ୍ଦିର ପରିସର ସମ୍ପତ୍ତିକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାସହ ନାଗେଶ୍ୱର ନାଥ ମନ୍ଦିର ଜମିଜମା ସଂକ୍ରାନ୍ତରେ ତିନୋଟି ମାମଲା କୋର୍ଟରେ ବିଚାରଧୀନ ରହିଛି।

## ସ୍ୱାସ୍ଥ୍ୟ ସଚେତନତା ଶିବିର

**ଚୌଦ୍ୱାର,୮।୧୨(ଡି.ଏନ୍.ଏ)**

ସ୍ଥାନୀୟ ଶିଶୁ ସଦନର ଅନ୍ତେବାସୀଙ୍କ ପାଇଁ ରବିବାର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। କେୟାର ହସ୍ପିଟାଲର ଡା.ରାଜେଶ ପାଢ଼ୀ, ଗୌରୀ ପ୍ରସାଦ ଦାସ, ସ୍ନେହଲତା ଜଗତି, ସୌମ୍ୟରଞ୍ଜନ ମହାନ୍ତି ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟରକ୍ଷାର ବିଧି, ପରିବେଶ ପରିଚ୍ଛନ୍ନତା ଉପରେ ବୁଝାଇଥିଲେ। ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ଲାୟନ୍ସ କ୍ଲବ୍‌ର ଭାଓନା ଗନେରିୱାଲା, କର୍ଣ୍ଣିକା ଜାଜୋଡ଼ିଆ ଉପସ୍ଥିତ ଥିଲେ। ଗଙ୍ଗାଧର ସାହୁ ଓ ପରିଚାଳକ ସୀମାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ସମାଜରୁ ସାହିତ୍ୟର ଛିଟା ହଜିବାକୁ ବସିଲାଣି’


ଉତ୍ସବରେ ପଦ୍ମଶ୍ରୀ ଡ. ପ୍ରତିଭା ରାୟ ଓ ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ରଙ୍କୁ ସମ୍ମାନିତ କରାଯାଉଛି।

**କଟକ ଅଫିସ, ୮।୧୨**

ସାମ୍ପ୍ରତିକ ସମାଜରୁ ସାହିତ୍ୟର ଛିଟା ହଜିବାକୁ ବସିଲାଣି। ଏହି ପରିସ୍ଥିତିରେ ସାହିତ୍ୟିକ ଅନୁଷ୍ଠାନ ସାରଳା ସାହିତ୍ୟ ସଂସଦ ଓଡ଼ିଆ ସାହିତ୍ୟକୁ ଆଗକୁ ନେବାରେ ସହାୟକ ହେବ। ଏହାର ନାମକରଣ ଆଦିକବି ସାରଳା ଦାସଙ୍କ ନାମାନୁସାରେ ରଖାଯାଇଛି। ଆଦିକବି ସାରଳା ଦାସ ହେଉଛନ୍ତି ଯୁଗସ୍ରଷ୍ଟା। ଓଡ଼ିଆ ସାହିତ୍ୟରେ ତାଙ୍କର ସ୍ଥାନ ସ୍ୱତନ୍ତ୍ର। ତାଙ୍କ ରଚନାଗୁଡିକ ମଧ୍ୟରୁ ସାରଳା ମହାଭାରତ ପ୍ରସିଦ୍ଧ ବୋଲି ରବିବାର କଟକ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ମୁଖ୍ୟବକ୍ତା ବିଜୟ କୁମାର ନାୟକ କହିଥିଲେ, ସାହିତ୍ୟକୁ ବଞ୍ଚାଇ ରଖିବାରେ ସାରଳା ସାହିତ୍ୟ ସଂସଦ ଏକ ମାଧ୍ୟମ। ଏଥିରେ ସମ୍ମାନିତ ଅତିଥି ଭାବେ ଚିତ୍ରା ମୁଦଗଲ, ସଂସଦର ମୁଖ୍ୟ ଉପଦେଷ୍ଟା ସହଦେବ ସାହୁ ଯୋଗଦେଇଥିଲେ। ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଡ. ପ୍ରତିଭା ରାୟଙ୍କୁ ସାରଳା ସମ୍ମାନ ଓ ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ରଙ୍କୁ କଳିଙ୍ଗ ରତ୍ନ ଉପାଧି ପ୍ରଦାନ କରାଯାଇଥିଲା। ରୁମଝୁମ ନାୟକ ଧନ୍ୟବାଦ ଦେଇଥିଲେ।

## ଗୋଆ ନେଭି ସେଣ୍ଟରର ଯିବେ ବସ୍ତି ପିଲା



**କଟକ ଅଫିସ,୮।୧୨**

ବସ୍ତି ପିଲା ଯିବେ ଗୋଆ। ସେଠାରେ ଥିବା ଭାରତୀୟ ନୌସେନା ଶିବିରରେ ଜୀବନରକ୍ଷା କରିବାର ଅତ୍ୟାଧୁନିକ କୌଶଳ ଶିକ୍ଷା ଦିଆଯିବ। ରାଜ୍ୟରେ କୌଣସି ପ୍ରାକୃତିକ ଦୁର୍ବିପାକ ହେଲେ ଏହି ପିଲାମାନେ ସାହାଯ୍ୟର ହାତ ବଢାଇବେ। ଏଭଳି ଲକ୍ଷ୍ୟ ରଖି କଳିଙ୍ଗ ଡାଇଭର୍ସ ଫାଉଣ୍ଡେଶନର ମୁଖ୍ୟ ତଥା ଅନ୍ତର୍ଜାତୀୟ ସମୁଦ୍ରବୁଡ଼ାଳିସବିର ବକ୍ସ ମହାନଦୀରେ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ କରିଛନ୍ତି। ଏଥିରେ ବସ୍ତିର ପ୍ରାୟ ୨୦ଜଣ ପିଲାଙ୍କୁ ପ୍ରାରମ୍ଭିକ ପ୍ରଶିକ୍ଷଣ ଦିଆଯାଉଛି। ସେମାନଙ୍କ ମଧ୍ୟରୁ ୬ଜଣ ଚୂଡ଼ାନ୍ତ ହୋଇ ଖୁବ୍‌ଶୀଘ୍ର ଗୋଆ ଯାତ୍ରା କରିବେ ବୋଲି ସବିର କହିଥିଲେ।

ଗୋଆର ଭାସ୍କୋଡାଗାମାଠାରେ ଇଣ୍ଡିଆନ ନେଭି ୱାଟରମ୍ୟାନଶିପ୍ ଟ୍ରେନିଂ ସେଣ୍ଟର ଅଛି। ଡିସେମ୍ବର ୨ରୁ ଜାନୁୟାରୀ ୯ ତାରିଖ ପର୍ଯ୍ୟନ୍ତ ଏଠାରେ ସ୍ୱତନ୍ତ୍ର ତାଲିମ ଦିଆଯାଉଛି। ବୁଡ଼ିଯାଉଥିବା ମଣିଷକୁ ରକ୍ଷାକରିବାର କୌଶଳ ବିଶେଷଭାବେ ଶିକ୍ଷା ଦିଆଯାଉଛି। ଏହାଛଡ଼ା ସ୍କୁବା ଡାଇଭିଂ ଓ ଅନ୍ୟ ଜଳକ୍ରୀଡ଼ା ମଧ୍ୟ ଶିକ୍ଷା ଦିଆଯିବ। କିଛିଦିନ ତଳେ ସେଣ୍ଟରର ମୁଖ୍ୟ କମାଣ୍ଡର ଶେରପାଲ ସିଂ ଚିଲିକା ଆସିଥିଲେ। ଏହି ସମୟରେ ସବିର ତାଙ୍କୁ ଭେଟିବା ସହ ଗୋଆ ଶିବିରରେ ଓଡ଼ିଶାର ପିଲାଙ୍କୁ ସୁଯୋଗ ଦେବା ପାଇଁ ଆଲୋଚନା କରିଥିଲେ। ଶେରପାଲଙ୍କ ସହମତି ପରେ ମହାନଦୀରେ ସବିର ଶିବିର ଆରମ୍ଭ କରିଛନ୍ତି। କେବଳ ଯାତାୟାତ ଖର୍ଚ୍ଚ ସବୀର ପ୍ରଦାନ କରୁଥିବାବେଳେ ଅନ୍ୟ ସମସ୍ତ ଖର୍ଚ୍ଚ ଇଣ୍ଡିଆନ ନେଭି ୱାଟରମ୍ୟାନସିପ୍ ଟ୍ରେନିଂ ସେଣ୍ଟର ବହନ କରିବ। ଆସନ୍ତା ସପ୍ତାହ ମଧ୍ୟରେ ଚୂଡ଼ାନ୍ତ ପିଲାଙ୍କୁ ଗୋଆ ପଠାଯିବ ବୋଲି ସବିର କହିଛନ୍ତି।

**ମହାନଦୀରେ ଚାଲିଛି ପ୍ରଶିକ୍ଷଣ**

**ଅଲିମ୍ପିକର ସେଲିଂ କ୍ରୀଡ଼ା ପାଇଁ ସୁଯୋଗ ସୃଷ୍ଟି କରାଯିବ**

କିଛିଦିନ ଗୋଆରେ ତାଲିମ ନେବାର ସୁଯୋଗ ରହିଛି। ଏହି ସମୟ ମଧ୍ୟରେ ଓଡ଼ିଶାର ପିଲାଙ୍କୁ ସେଲିଂ(ଦୁଃସାହାସିକ ନୌଚାଳନା) ଶିକ୍ଷା ଦିଆଯିବ। ଆଗାମୀ ଦିନରେ ଏହି ପିଲାମାନଙ୍କୁ ନେଇ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯିବ ଓ ଅଲିମ୍ପିକର ସେଲିଂ କ୍ରୀଡ଼ା ନିମନ୍ତେ ଓଡ଼ିଶାରୁ ସୁଯୋଗ ସୃଷ୍ଟି କରାଯିବ ବୋଲି ସବୀର କହିଥିଲେ।

## ନାଏବ ସରପଞ୍ଚଙ୍କୁ ଆକ୍ରମଣ, ଯୁବକ ଗିରଫ

**ଟାଙ୍ଗୀ(କଟକ)୮।୧୨(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତର ନାଏବ ସରପଞ୍ଚ ଧ୍ରୁବଚରଣ ସାହାଣୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଚିନ୍ତାମଣିପୁର ଗ୍ରାମର ସୁକାନ୍ତ ଦେହୁରୀ। ଶନିବାର ଅପରାହ୍ନରେ ଚିନ୍ତାମଣିପୁର ଗ୍ରାମର ୯ନଂ ୱାର୍ଡସଭ୍ୟ ତଥା ନାଏବ ସରପଞ୍ଚ ଧ୍ରୁବ କୌଣସି କାମରେ ୧୦ନଂ ୱାର୍ଡ଼ ଶବରସାହି ଆସିଥିଲେ। ଲୋକଙ୍କ ସହ ଆଲୋଚନା ବେଳେ ସୁକାନ୍ତ କୌଣସି କାରଣରୁ ଏକ ଠେଙ୍ଗାରେ ଧ୍ରୁବଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଏ ନେଇ ତାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୨୬୫/୧୯ରେ ମାମଲା ରୁଜୁ କରିଛି।

## ମିଳିଲାନି ସପ୍ତମ ବେତନ: ଓଏସ୍ଆଇସି କର୍ମଚାରୀ ଅସନ୍ତୁଷ୍ଟ

**କଟକ ଅଫିସ, ୮।୧୨**

ସପ୍ତମ ବେତନ କମିଶନ ରିପୋର୍ଟ ଆଧାରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ୨୦୧୬ ଜାନୁୟାରୀ ୧ରୁ ବେତନ ପାଉଛନ୍ତି। ରାଜ୍ୟ ସରକାର ମଧ୍ୟ ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ଅନୁରୂପ ଭାବେ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ କରିଆସୁଛନ୍ତି। ୨୦୧୮ ମାର୍ଚ୍ଚ ୧୨ରେ ରାଜ୍ୟ ସରକାର ସାଧାରଣ ଉଦ୍ୟୋଗ ବିଭାଗରେ ଥିବା ସମସ୍ତ ନିଗମ ଓ ସରକାରୀ ଉଦ୍ୟୋଗର କର୍ମଚାରୀଙ୍କୁ ସପ୍ତମ ବେତନ ସୁପାରିସ ଅନୁଯାୟୀ ଦରମା ପ୍ରଦାନ ପାଇଁ ନିଷ୍ପତ୍ତି କରିଥିଲେ। ୨୦୧୮ ଏପ୍ରିଲ ୧୯ରେ ଆଉ ଏକ ପତ୍ର ମାଧ୍ୟମରେ ନିଗମ କର୍ମଚାରୀମାନଙ୍କ ପାଇଁ ସପ୍ତମ ବେତନ ହାରରେ ତୁରନ୍ତ ଦରମା ପ୍ରଦାନ କରିବା ସହ ପରବର୍ତ୍ତୀ ସମୟରେ ସାଧାରଣ ଉଦ୍ୟୋଗ ବିଭାଗର ଅନୁମୋଦନ କରାଇ ନେବା ପାଇଁ ସମ୍ପୃକ୍ତ ନିଗମ ଓ ସରକାରୀ ଉଦ୍ୟୋଗ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଆଧାରରେ କେତେକ ନିଗମର କର୍ମଚାରୀ ସପ୍ତମ ବେତନ ଦରମା ପାଇ ସାରିଥିବାବେଳେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ (ଓଏସ୍ଆଇସି) କର୍ମଚାରୀଙ୍କ କ୍ଷେତ୍ରରେ ଏହା ଲାଗୁ ହୋଇନାହିଁ। ଫଳରେ ଏହି ନିଗମର କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

**କ୍ୟାମ୍ପସ୍ ହାଲଚାଲ୍**

# ପରୀକ୍ଷାଠୁ ପିକ୍‌ନିକ୍ ଯାଏ ଚାଲିଛି ଚର୍ଚ୍ଚା



**କଟକ ଅଫିସ,୮।୧୨-** ସୋସିଆଲ ମିଡ଼ିଆ ସହ ଅଧିକ ମାତ୍ରାରେ ଜଡ଼ିତ ଯୁବପିଢ଼ି। ଏହି ଜରିଆରେ ଯୁବପିଢିଙ୍କ ପାଖରେ ଦେଶବିଦେଶର ଖବର ସବୁବେଳେ ମହଜୁଦ। ଘଟଣା ହେଉ କି ଦୁର୍ଘଟଣା, ଦେଶର ରାଜନୀତି ହେଉ କି ଅର୍ଥନୀତି। ସବୁ ପ୍ରସଙ୍ଗରେ ଯୁବପିଢି ଅଳ୍ପବହୁତେ ଜାଣନ୍ତି। ଏଭଳି ଏକ ଯୁବପିଢିଙ୍କ ସହ ଆଲୋଚନା କରିବାକୁ ଆମେ ଯାଇ ପହଞ୍ଚିଥିଲୁ ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ। ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଗଣଯୋଗାଯୋଗ ବିଭାଗର ସ୍ନାତକୋତ୍ତର ଛାତ୍ରମାନେ ହେରିଟେଜ ହଲ୍ ନିକଟରେ କ୍ଲାସ ଶେଷକରି ଖଟି ଜମାଇଥିଲେ। ସେଠାରେ ସେମାନେ ଆଲୋଚନା କରୁଥିବା ବିଷୟବସ୍ତୁକୁ ନେଇ ଏହି ସ୍ୱତନ୍ତ୍ର ସ୍ତମ୍ଭ...

କ୍ୟାମ୍ପସରେ ସବୁଦିନ ଦେଖା ହୁଏନି। ଯେବେ ବି ଦେଖାହୁଏ ଢେର ସମୟ ଯାଏଁ ଖଟି ଚାଲେ। ଅପରାହ୍ନରେ ଦେଖାହେଲେ ସନ୍ଧ୍ୟା ପୂର୍ବରୁ ଘରକୁ ଫେରିଯିବାର ଯୋଜନା ଥାଏ। ହେଲେ ରାତି ୮ଟା ନ ହେଲା ଯାଏଁ କେହି ଖଟି ଭାଙ୍ଗି ଯାଆନ୍ତିନି ବୋଲି କହିଥିଲେ ଛାତ୍ର ସତ୍ୟବ୍ରତ ପ୍ରଧାନ। ଖଟିରେ କ'ଣ ଚର୍ଚ୍ଚା ଚାଲୁଛି ବୋଲି ପଚାରିବାରୁ ସେ କହିଥିଲେ, ଏବେ ପରୀକ୍ଷା ଚିନ୍ତା। ସେମିଷ୍ଟାର ଚାଲିଥିବାରୁ ସିଲାବସ୍ କେମିତି ଶେଷ କରିବୁ ସେ ବିଷୟରେ ଆଲୋଚନା କରୁଥିଲୁ। ଏହା ବ୍ୟତୀତ ଡିସେମ୍ବର ୨୨ରେ ବାରବାଟୀରେ ହେବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍‌ରେ କେମିତି ଟିକେଟ୍ ହାସଲ କରିବୁ ସେ ବିଷୟରେ ବି ଆଲୋଚନା ହୋଇଛି। ସେହିପରି ଏଠାରେ ଉପସ୍ଥିତ ଥିବା ଅମର୍ତ୍ତ୍ୟ ଅନୁରାଗ କହିଥିଲେ, କଟକିଆ ହୋଇ ବାରବାଟୀରେ ମ୍ୟାଚ୍ ନ ଦେଖିଲେ ଖାଦ୍ୟ ହଜମ ହେବନି। ଯାହାହେଲେ ବି ଧାଡ଼ିରେ ଠେଲାପେଲା କରି ଟିକେଟ କିଣିବୁ। ମୁହଁରେ ତ୍ରିରଙ୍ଗା ଆଙ୍କି ‘ଟିମ୍ ଇଣ୍ଡିଆ’କୁ ଉତ୍ସାହିତ କରିବୁ। ଛାତ୍ର ସାର୍ଥକ ରାୟ କହିଥିଲେ, ପିକ୍‌ନିକ୍ ଋତୁ ଆସିଥିବାରୁ କେଉଁଆଡେ ପିକ୍‌ନିକ୍ ଯିବୁ ସେ ନେଇ ଆଲୋଚନା ମଧ୍ୟ ଏଠାରେ ହୋଇଥିଲା। ପୂର୍ବବର୍ଷ ବାଲେଶ୍ୱର ଚାନ୍ଦିପୁର ଯାଇଥିଲୁ। ହେଲେ କିଛି କାରଣବଶତଃ ପୂର୍ବ ପିକ୍‌ନିକ୍ ମଜାଦାର ହୋଇପାରିଲାନି। ଏଣୁ ଏଥର ସବୁ ପିଲାଙ୍କ ସହ ଯୋଗାଯୋଗ ଜାରି ରହିଛି। କେଉଁ ସ୍ଥାନକୁ ଯିବୁ ସେ ବିଷୟରେ ଖଟି ଚାଲିଥିଲା ବୋଲି ସାର୍ଥକ କହିଥିଲେ। ଏହାଛଡ଼ା ଏହି ଖଟିରେ ଟ୍ରାଫିକ ବ୍ୟବସ୍ଥାର ଚାଲାଣ ପ୍ରସଙ୍ଗ, ହାଇଦ୍ରାବାଦରେ ମହିଳା ପ୍ରାଣୀ ଚିକିତ୍ସକ ହତ୍ୟା ଘଟଣା ବିଷୟକୁ ନେଇ ମଧ୍ୟ ଦୀର୍ଘସମୟର ଆଲୋଚନା କରାଯାଇଥିଲା। ଛାତ୍ର ପବିତ୍ର କୁମାର ସ୍ୱାଇଁ, ସିଦ୍ଧାର୍ଥ ଦାସ, ବିନାୟକ ସିଂ, ଗୌରୀ ପ୍ରସାଦ ନାୟକ, ସମ୍ବିତ ବାନାର୍ଜୀ, ସୁଦୀପ୍ତ ସୁନ୍ଦର ଏହି ଖଟିରେ ଉପସ୍ଥିତ ଥିଲେ।

**-ରିପୋର୍ଟ: ଅଶୋକ କୁମାର ବାରିକ**

**ଚୁମ୍ବକରେ ରେଭେନ୍ସା**

ମହାନଦୀ ଦେଇ ବ୍ରିଟିଶ ସରକାର କଟକକୁ ପ୍ରବେଶ କରୁଥିଲେ। ଯୋବ୍ରା ଥିଲା ପ୍ରବେଶ ପଥ। ଯୋବ୍ରାଠାରୁ କିଛି ଦୂରରେ ଏକ ବିଶାଳ ପଡ଼ିଆ ଥିଲା। ଏହାର ନାମ ଚକ୍ରି ପଡ଼ିଆ ଥିବାବେଳେ ଏଠାରେ ବ୍ରିଟିଶ ଲୋକଙ୍କ ଘୋଡା ବନ୍ଧା ଯାଉଥିଲା। ଇଂରେଜ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ‘ଥୋମାସ୍ ଏଡୱାର୍ଡ ରେଭେନ୍ସା’ଙ୍କ ନାମ ଅନୁସାରେ ଏକ ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିଲା। ଏବେ ଏହି ଶିକ୍ଷାନୁଷ୍ଠାନ ୧୫୦ବର୍ଷରେ ପଦାର୍ପଣ କରିଛି। ଏଠାରେ ୮୦୦୦ ବିଦ୍ୟାର୍ଥି ଥିବାବେଳେ ୩୪ଟି ବିଭାଗ ରହିଛି। ସର୍ବପୁରାତନ କନିକା ଲାଇବ୍ରେରି ଏହିବିଶ୍ୱବିଦ୍ୟାଳୟରେ ରହିଛି। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ୨୦୦୨ ମସିହାରେ ଆରମ୍ଭ ହୋଇଥିଲା। ଏଠାରେ ଉଭୟ ସ୍ନାତକ ଓ ସ୍ନାତକୋତ୍ତରର ପାଠ୍ୟକ୍ରମ ରହିଛି।

**୧୧ରେ ହ୍ୟାଣ୍ଡବଲ ସିଲେକ୍ସନ ଟ୍ରାଏଲ**

**ପୁରୀ ଅଫିସ:** ରାଜ୍ୟ ସିନିୟର ହ୍ୟାଣ୍ଡବଲ ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରତିଯୋଗିତା ଡିସେମ୍ବର ୧୩ ଓ ୧୪ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ଲାଗି ପୁରୀ ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ ପକ୍ଷରୁ ଜିଲାସ୍ତରୀୟ ତାଲିମ ଓ ସିଲେକ୍ସନ ଟ୍ରାଏଲ ଆସନ୍ତା ୧୧ତାରିଖରେ ଏସ୍‌ସିଏସ୍ କଲେଜରେ ସକାଳ ସାଢେ ୬ଟାରେ ଅନୁଷ୍ଠିତ ହେବ।



ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ରବିବାର ଖୋର୍ଦ୍ଧା ବରୁଣେଇଠାରେ ପାଇକ ଆଖଡା ଦଳଗୁଡିକ ପକ୍ଷରୁ ସମର କଳା ପ୍ରଦର୍ଶନ କରାଯାଉଛି।

■ଅବହେଳିତ ପର୍ଯ୍ୟଟନସ୍ଥଳୀ ମା' ରାମଚଣ୍ଡୀ ପୀଠ

# ଅସଜଡ଼ା ଭିତ୍ତିଭୂମି, ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

**ବେଗୁନିଆ, ୮।୧୨ (ଡି.ଏନ.ଏ.)**

ଶୀତଋତୁ ଆରମ୍ଭ ହେଲାଣି। ଏଥିସହ ନୂଆ ବର୍ଷ ପାଖେଇ ଆସୁଛି। ପର୍ଯ୍ୟଟନ ସ୍ଥଳଗୁଡିକରେ ଭିଡ ଦେଖାଦେଲାଣି। ହେଲେ ରାଜ୍ୟ ପର୍ଯ୍ୟଟନସ୍ଥଳ ମାନଚିତ୍ରରେ ଅବସ୍ଥାପିତ ହୋଇଥିବା ମା' ରାମଚଣ୍ଡୀ ପୀଠ ଏବେବି ଅବହେଳିତ ହୋଇ ରହିଛି। ନା ଏଠି ପାନୀୟ ଜଳର ସୁବିଧା ଅଛି ନା ସବୁଦିନିଆ ରାସ୍ତା ନିର୍ମାଣ ହେଉଛି। ସେହିପରି ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ନ ଥିବା ବେଳେ ପର୍ଯ୍ୟଟକ ଅଶ୍ରୟସ୍ଥଳ ନିର୍ମାଣ ନୂତନ ଭାବେ ହୋଇଥିଲେ ମଧ୍ୟ ସର୍ବଦା ତାଲା ଝୁଲି ରହୁଛି। ଅନ୍ୟପକ୍ଷରେ ମନ୍ଦିର ଚତୁଃପାର୍ଶ୍ୱରେ ବିପର୍ଯ୍ୟସ୍ତ ପରିବେଶ ଏବଂ ଅସଜଡା ଭିତ୍ତିଭୂମିକୁ ପରଖି ମୁହଁ ଫେରାଉଛନ୍ତି ପର୍ଯ୍ୟଟକମାନେ। ୧୯୯୬ରୁ ଏହି ପୀଠକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଥିଲେ ମଧ୍ୟ ସମସ୍ୟା ଦୂର ହେବା ପରିବର୍ତ୍ତେ ବଢି ଚାଲାଛି। ଏଥିପ୍ରତି ପ୍ରଶାସନ ଅବା ପର୍ଯ୍ୟଟନ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନି। ଐତିହ୍ୟ ସମ୍ପନ୍ନ ଏହି ପୀଠର ଉନ୍ନତି ପାଇଁ ରାଜ୍ୟ ସରକାର, ପର୍ଯ୍ୟଟନ ବିଭାଗ ଏବଂ ସ୍ଥାନୀୟ ଏମ୍‌ପି, ବିଧାୟକ ଦୃଷ୍ଟି ଦେବାକୁ ଗଡମାଣତୀର ଗାଁର ଶିକ୍ଷାବିତ୍ ବଳରାମ ରଣସିଂ, ଇନ୍ଦ୍ରମଣି ରଣସିଂ, ପୂଜକ ନରେନ୍ଦ୍ର ଜାନି ପ୍ରମୁଖ ନିବେଦନ କରିଛନ୍ତି। ସେହିପରି ଶୁକ୍ରବାର ଏଠାକୁ ଆସିଥିବା ନୟାଗଡ ଅଞ୍ଚଳର ବିଷ୍ଣୁ ଚରଣ ନାୟକ କୁହନ୍ତି, ପାହାଡ ଶୀର୍ଷରେ ମା'ଙ୍କୁ ଦେଖି ବହୁତ ଆନନ୍ଦ ଲାଗିଲା।



ମା' ରାମଚଣ୍ଡୀ ପୀଠକୁ ଯାଇଥିବା ରାସ୍ତା ଖାଲଖମାରେ ଭର୍ତ୍ତି।

## ପ୍ରଶାସନର ତତ୍ପରତା ନାହିଁ

ମାତ୍ର ଏଠାକୁ ଆସିବା ପାଇଁ ବେଗୁନିଆ ପୋଷ୍ଟ ଅଫିସ ଛକରୁ ମୁଗ ବସ୍ତା ଗ୍ରାମ ଦେଇ ବାରବାଟୀ ଛକରୁ ମା'ଙ୍କ ପୀଠ ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ହଟାହଟା ହେଲୁ। ଭଦ୍ରକ ଅଞ୍ଚଳର ସସ୍ମିତା ମହାପାତ୍ର କୁହନ୍ତି, ବଣଭୋଜି ପାଇଁ ଏହି



ପୂଜା ପାଉଥିବା ମା' ରାମଚଣ୍ଡୀ।

ପର୍ଯ୍ୟଠନସ୍ଥଳ ଅନ୍ୟତମ । ମାତ୍ର ଏଠାରେ ପାରିପାର୍ଶ୍ୱିକ ସ୍ଥିତି ବିପର୍ଯ୍ୟସ୍ତ। ସୁଲଭ ପାନୀୟଜଳର ବ୍ୟବସ୍ଥା ନାହିଁ। ସେହିପରି କୋଣାର୍କରୁ ଆସିଥିବା ପର୍ଯ୍ୟଟକ ରବୀନ୍ଦ୍ର ମହାଲିକ କୁହନ୍ତି, ମା'ଙ୍କ ପୀଠସ୍ଥଳ ଅତ୍ୟନ୍ତ ଶୋଭନୀୟ। ରାତ୍ରି ଯାପନ ପାଇଁ ମୁଁ ଏବଂ ମୋ ପରିବାର ଆଶ୍ରୟସ୍ଥଳରେ ରହିବା ପାଇଁ ଇଚ୍ଛା କରିଥିଲୁ। ମାତ୍ର ଆଶ୍ରୟସ୍ଥଳରେ ତାଲା ଝୁଲୁଥିଲା। ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ନାହିଁ କି ସଞ୍ଜ ନଇଁଲେ ପୀଠ ପରିସର ଖାଁ ଖାଁ ଲାଗୁଥିଲା। ବାଧ୍ୟ ହୋଇ ଆମେ ବିଳମ୍ବିତ ରାତିରେ ପୀଠସ୍ଥଳ ଛାଡି ପଳାଇଥିଲୁ। ପ୍ରକାଶଥାଉ କି ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାଠାରୁ ମାତ୍ର ୧୨ କିମି ଦୂରରେ ରହିଛି ଗଡମାଣତୀର ଗାଁ। ଗାଁ ନିକଟ ସବୁଜିମାଭରା ପାହାଡ ଉପରେ ପୂଜା ପାଉଛନ୍ତି ମା' ରାମଚଣ୍ଡୀ କଳାପଥର ଓ ସବୁଜ ବନାନୀ ପରିବେଶରେ ପୀଠର ଶୋଭା ଅବର୍ଣ୍ଣନୀୟ। ୭୨ଟି ପାହାଚ ଚଢି ମା'ଙ୍କୁ ଦର୍ଶନ କରନ୍ତି ଶ୍ରଦ୍ଧାଳୁ। ପାହାଡ ଶିଖରରେ ଥିବା ୨୫ ଫୁଟ ଉଚ୍ଚ କଳାମୁଗୁନି ପଥରର ନିମ୍ନଭାଗରେ ପୂଜା ପାଉଥିବା ମା' ରାମଚଣ୍ଡୀଙ୍କ ସାନ୍ନିଧ୍ୟ ପାଇବାକୁ ବର୍ଷର ସବୁ ସମୟରେ ଭକ୍ତ ଛୁଟି ଆସିଥାନ୍ତି ଏଠାକୁ। ବଣଭୋଜିର ମଜା ଏଠାରେ ନିଆରା ଅନୁଭୂତି ଦେଇଥାଏ। ସେହିପରି ବାଘ–ବଳଦ, ଗୋବର୍ଦ୍ଧନ ଥାଳି, ବାଘ କୋରଡ, ତେନ୍ତୁଳି ଗଛ ଏବଂ ମା' ରାମଚଣ୍ଡୀଙ୍କୁ ନେଇ ଅନେକ କିମ୍ବଦନ୍ତୀ ରହିଛି। ପୀଠ ପରିସରରେ ଚୈତ୍ର ମାସ ପଞ୍ଚମୀ ତିଥିରେ ପଞ୍ଚୁଦୋଳ, ରାମ ନବମୀରେ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ରଜରେ ୪ଦିନ ଧରି ଯାତ୍ରା ହୋଇଥାଏ।

## ରାଷ୍ଟ୍ରପତିଙ୍କ ଗସ୍ତର ଏପାଖସେପାଖ

**ଖୋର୍ଦ୍ଧା ଅଫିସ,୮।୧୨:**

### ସିଟ୍ ନ ପାଇ ଫେରିଲେ ଭିଆଇପି

ପାଇକ ବିଦ୍ରୋହ ସ୍ମାରକର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶକୁ ରବିବାର ଆସିଥିଲେ। ତେବେ ମଞ୍ଚ ନିକଟରେ ଭିଆଇପିଙ୍କ ପାଇଁ ଉଦ୍ଦିଷ୍ଟ ଚେୟାର ଖାଲି ନ ଥିବାରୁ ଅନେକଙ୍କୁ ଫେରିବାକୁ ପଡିଥିଲା। ଭିଆଇପି ଓ ପ୍ରେସ ଦାୟିତ୍ୱରେ ଥିବା ପୋଲିସକୁ ଏଥିପାଇଁ ବାରମ୍ବାର ହଇରାଣ ହେବାକୁ ପଡିଥିଲା। ସିଟ୍ ନାହିଁ ବୋଲି ପୋଲିସ ବାରମ୍ବାର କହୁଥିଲେ ମଧ୍ୟ କେହି ଶୁଣୁ ନ ଥିଲେ। ସମସ୍ତଙ୍କ ଜିଦ୍ ସେମାନେ ମଞ୍ଚ ପାଖାପାଖି ବସିବେ। ଶେଷରେ ଭିଆଇପି ଫେରି ଅନ୍ୟଠାରେ କାମ ଚଳାଇବାକୁ ପଡିଥିଲା। ଆଉ କିଛି ଅଭିମାନ କରି ଫେରି ଯାଇଥିଲେ। କାରଣ ସିଟ୍ ନ ଥାଇ ଅନେକ ଭିଆଇପି ମଞ୍ଚ ନିକଟରେ ବସିବାକୁ ଆଗ୍ରହ ପ୍ରକାଶ କରିବା ସମସ୍ୟା ଡାକି ଆଣିଥିଲା।

### ସଫେଇ ହେଲାନି ଖୋର୍ଦ୍ଧାଗଡ଼

ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଯୋଗୁ ବରୁଣେଇକୁ ପଡିଥିବା ରାସ୍ତା ମରାମତି ହୋଇଥିଲା। ଏପରି କି ବହୁଦିନ ହେଲା ପରିତ୍ୟକ୍ତ ହୋଇ ପଡିଥିବା ବରୁଣେଇ ହୋଟେଲ ନିକଟସ୍ଥ ବରୁଣେଇ ରାସ୍ତା ମରାମତି ହୋଇଯାଇଥିଲା। କିନ୍ତୁ ଆବର୍ଜନାମୟ ହୋଇପଡି ରହିଥିବା ଖୋର୍ଦ୍ଧାଗଡକୁ ସଫେଇ କରାଗଲାନି। ଏହା ଭିତରେ ମଳତ୍ୟାଗ କରିବା ଦ୍ୱାରା ଏହା ପରିତ୍ୟକ୍ତ ହୋଇପଡିଲାଣି। ପୁଣି ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କର ଏହା ଆଡ୍ଡାସ୍ଥଳ ପାଲଟିଛି।

### ଭାଙ୍ଗିଗଲା ଡ୍ରେନ

ରାସ୍ତାକଡ ଜେସିବିରେ ସଫେଇ ଯୋଗୁ ଖୋର୍ଦ୍ଧାରୁ ପୁରୀ ପଟ୍ଟନାୟିକା ରାସ୍ତା ପାର୍ଶ୍ୱ ଡ୍ରେନ ଅଧିକାଂଶ ସ୍ଥାନରେ ଭାଙ୍ଗି ଯାଇଛି। କାରଣ କାମ ଠିକ୍ ହୋଇ ନ ଥିବାରୁ ବର୍ଷାଜଳ ଡ୍ରେନରେ ନ ଯାଇ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରୁଥିଲା। ଏବେ ଡ୍ରେନ ଭାଙ୍ଗିଯିବା ପରେ ପୁଣି ନୂଆକରି କରାଯିବ।

### ଭୁଲିଗଲେ କୃତ୍ତିବାସଙ୍କୁ

ପୂର୍ବତନ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ନିଜକୁ ଅରାଙ୍ଗଗଡର ଦଳବେହେରା କୃତ୍ତିବାସ ପାଟଶାଣୀଙ୍କ ଦାୟାଦ ବୋଲି କହିଥିଲେ। ତେବେ କୃତ୍ତିବାସଙ୍କୁ ମନେ ପକାଗଲା ନାହିଁ ବୋଲି ପୂର୍ବତନ ଏମ୍‌ପି କହିଛନ୍ତି, ଯିଏକି ବାଣପୁରରେ ମେଳି କରିଥିଲେ। ୧୮୩୫ ଏପ୍ରିଲ ୪, ୫,୬ ତାରିଖ ୩ ଦିନ ପାଇଁ ବାଣପୁର ସ୍ୱାଧୀନ ହୋଇଥିଲା।

### ପରଦାରୁ ଦେଖିଲେ

ରାଷ୍ଟ୍ରପତି, ରାଜ୍ୟପାଳ ଓ ଅନ୍ୟ ଅତିଥିମାନଙ୍କୁ ଦର୍ଶକ ଦେଖିବାର ସୁଯୋଗ ନ ପାଇ ପରଦାରେ ଦେଖିଥିଲେ। ପଛ ପାଖରେ ପଡିଥିବା ସିଟ୍ ଠିକ ଭାବେ ପଡି ନ ଥିବାରୁ ଏପରି ଅସୁବିଧା ହୋଇଥିବା କୁହାଯାଇଛି। ପୁଣି ପଛକୁ ସାଉଣ୍ଡ ଶୁଭୁ ନ ଥିଲା। ଆଗରେ ମଧ୍ୟ ସାଉଣ୍ଡ ଠିକ୍ ନ ଥିଲା। ୭୦୦ ମିଟର ଦୂରତାରେ ଯାନବାହନ ଷ୍ଟାଣ୍ଡ ହୋଇଥିଲା। ବରିଷ୍ଠ ନାଗରିକ ବେଶୀ ହଇରାଣ ହୋଇଥିଲେ। କେନ୍ଦ୍ର ଓ ରାଜ୍ୟ ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ, ଓଡ଼ିଶା ରାଜ୍ୟପାଳ ଓ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ କିଛି କହିଲେନି। ନିର୍ଦ୍ଧାରିତ ୨୦ ମିନିଟ୍ ପୂର୍ବରୁ ସଭା ଶେଷ ହୋଇଗଲା। ରାଷ୍ଟ୍ରପତି ୧ ଘଣ୍ଟା ସ୍ଥାନରେ ୪୦ ମିନିଟ୍ ବରୁଣେଇରେ ରହିଥିବା ଦେଖିବାକୁ ମିଳିଥିଲା। ମଞ୍ଚ ନିକଟରୁ ଷ୍ଟାଣ୍ଡର ଦୂରତା ୭୦୦ ମିଟର ହୋଇଥିବାରୁ ବରିଷ୍ଠ ନାଗରିକ ହଟହଟା ହୋଇଥିଲେ।

### ପ୍ରଦର୍ଶନ ମଞ୍ଚ ନ ଥିଲା

ବ୍ରହ୍ମଗିରି, କୁହୁଡି, ସୋରଣ, ଖୋର୍ଦ୍ଧାର ବିଭିନ୍ନ ସ୍ଥାନରୁ ପାଇକ ଆଖଡା ଦଳ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମକୁ ଆସିଥିଲେ। ସେମାନଙ୍କ ପାଖରେ ପାଇକ ଆଖଡାର ବିଭିନ୍ନ ଅସ୍ତ୍ରଶସ୍ତ୍ର ଥିଲା। ପାଇକ ଆଖଡା ଦଳର କଳା ନୈପୁଣ୍ୟ ଦେଖାଇବା ପାଇଁ ମଞ୍ଚ ଭିତରେ କିମ୍ବା ବାହାରେ ପ୍ରଦର୍ଶନ ମଞ୍ଚ ନ ଥିଲା। ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅନୁରୋଧକୁ ରକ୍ଷା କରି ସେମାନେ ବାହାରେ କଳାନୈପୁଣ୍ୟ ଦେଖାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ସେମାନେ ଅଲୋଡା ହୋଇ ବାହାରେ ଅପେକ୍ଷା କରିଥିଲେ। ସେମାନଙ୍କ ପାଖରେ ନିମନ୍ତ୍ରଣ ପତ୍ର ଥିଲେ ମଧ୍ୟ ସଭାସ୍ଥଳକୁ ଯାଇ ନ ପାରି ଆସିବାର ଲକ୍ଷ୍ୟ ପୂରଣ ହୋଇପାରି ନ ଥିଲା।

### ଆଳାପ ପାଇଁ ସୁଯୋଗ



ଦର୍ଶକ ଗ୍ୟାଲେରିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ପୂର୍ବତନ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ଓ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ବସିଥିଲେ। ପୂର୍ବତନ ଓ ବର୍ତ୍ତମାନର ଏମ୍‌ପିଙ୍କ ମଧ୍ୟରେ ଆଳାପର ଦୃଶ୍ୟ ଉପଲବ୍ଧ ହୋଇଥିଲା। ସେହିପରି ଖୋର୍ଦ୍ଧା ବିଧାୟକ ମିତ୍ର ଭାଜପାରେ ଥିବାବେଳେ ଅପରାଜିତାଙ୍କ ସହ ଭଲ ସମ୍ପର୍କ ଥିଲା। ଜ୍ୟୋତିରୀନ୍ଦ୍ର ବିଜେଡିକୁ ଆସିବା ପରେ ଦୂରତ୍ୱ ବଢିଥିଲା। ହେଲେ ରାଷ୍ଟ୍ରପତି କାର୍ଯ୍ୟକ୍ରମ ନେତାଙ୍କୁ ନିକଟତର କରିଥିଲା। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ରଣପୁରର ପୂର୍ବତନ ଭାଜପା ବିଧାୟକ ସୁରମା ପାଢୀ ପାଖାପାଖି ବସି ଆଳାପରେ ବ୍ୟସ୍ତ ଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

## ବଣିକ ସଂଘର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଜନସଚେତନତା କାର୍ଯ୍ୟକ୍ରମ

ବାଲୁଗାଁ,୮।୧୨ (ଡ଼ି.ଏନ.ଏ.): ବାଲୁଗାଁ ସହରର ସର୍ବ ପୁରାତନ ବ୍ୟବସାୟିକ ଅନୁଷ୍ଠାନ ଶ୍ରୀ ଶ୍ରୀ ଉମାମହେଶ୍ୱର ବଣିକ ସଂଘର ସୁବର୍ଣ୍ଣ ଜୟନ୍ତୀ ଅବସରରେ ରବିବାର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଯୋଗୀନ୍ଦ୍ର ସେନାପତି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡ଼କ ସୁରକ୍ଷା, ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ବୃକ୍ଷରୋପଣ, କନ୍ୟା ସନ୍ତାନ ରକ୍ଷା ଉପରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ସଂଘ ସଭାପତି ରବି ନାରାୟଣ ନାୟକ ଓ ଉପସଭାପତି ସେଖ ଗନିଫ, ସମ୍ପାଦକ ସରୋଜ କୁମାର ପାତ୍ର ଓ ସୁବର୍ଣ୍ଣ ଜୟନ୍ତୀ କମିଟି ଚେୟାରମ୍ୟାନ ଧୀରେନ୍ଦ୍ରନାଥ ପାତ୍ରଙ୍କ ଦ୍ୱାରା ଅଂଶଗ୍ରହଣ କରିଥିବା ବିଭିନ୍ନ ଅନୁଷ୍ଠାନକୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ହିମାଂଶୁ କୁମାର ପାତ୍ର, ଶ୍ୟାମସୁନ୍ଦର ପୃଷ୍ଟି, ସୁନୀଲ କୁମାର ପାତ୍ର, ଗୌତମ ସୁବୁଦ୍ଧି, ସରୋଜ କୁମାର ଦାଶ, ମନୀଷ ଲାଖୋଟିଆ ଓ ମନୋଜ କୁମାର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଜଗଦୀଶ ଲାଖୋଟିଆ ଧନ୍ୟବାଦ ଦେଇଥିଲେ।

ରାଜ୍ୟସ୍ତରୀୟ ମଦନପୁର କପ୍ ଫୁଟବଲ

## କେଏଫ୍ଏ ପାରାଦୀପ ବିଜୟୀ

ଯାଁଳା,୮।୧୨(ଡି.ଏନ.ଏ.)- ଜଟଣୀ ବ୍ଲକ ମଦନପୁର ଖେଳପଡିଆଠାରେ ୮ମ ରାଜ୍ୟସ୍ତରୀୟ ମଦନପୁର କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ନାଲ୍‌କୋ ଜୁନିୟରକୁ ୨-୧ ଗୋଲରେ ହରାଇ ପାରାଦୀପ କେ.ଏଫ.ଏ. ବିଜୟୀ ହୋଇଛି। ମ୍ୟାଚର ୧୨ ମିନିଟ୍‌ରେ ପାରାଦୀପର ଶେଖ ଭିଲାଲ ଏକ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧର ୧୦ ମିନିଟ୍‌ରେ ପାରାଦୀପର ଚନ୍ଦ୍ରଶେଖର ବେହେରାଙ୍କର ସୁନ୍ଦର ପାସ୍ ବଲରେ ବାଦଲ ଭୋଇ ଏକ ଗୋଲ କରିଥିଲେ। ୩୦ ମିନିଟ୍‌ରେ ନାଲ୍‌କୋର ପାଲ ମୁର୍ମୁ ଏକ ଗୋଲ କରିଥିଲେ। ଶେଷରେ ୨-୧ରେ କେ.ଏଫ.ଏ. ପାରାଦୀପ ବିଜୟୀ ହୋଇଥିଲା। ଅତିଥି ଭାବେ ବିଧାୟକ ସୁରେଶ କୁମାର ରାଉତରାୟ, ବିଜୁ ଛୋଟରାୟ, ସନ୍ତୋଷ ଜେନା, ରବି ସାମନ୍ତରାୟ ଉପସ୍ଥିତ ଥିଲେ। ଶିବଶଙ୍କର ପଣ୍ଡା, ପ୍ରଶାନ୍ତ ପାଲ, ସୁଶାନ୍ତ ମିଶ୍ର, ଏମ୍.ଏସ. ବେଗ, ପ୍ରଦୋଷ ବଳିୟାରସିଂ ଖେଳ ପରିଚାଳନା କରିଥିଲେ।

## କୁମାରବସ୍ତ କ୍ରିକେଟ୍ : ବ୍ଲୁ ରକ୍‌ଷ୍ଟାର ଯାଁଳା ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୮।୧୨:**

ଖୋର୍ଦ୍ଧା ଉପକଣ୍ଠ ଟାଙ୍ଗିଆପଡ଼ା ପଞ୍ଚାୟତର କୁମାରବସ୍ତ ଖେଳ ପଡିଆରେ ଚାଲିଥିବା ଗଗନ କାଳିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ନଁପୁଟ କ୍ରିକେଟ କ୍ଲବ ଭୁବନେଶ୍ୱରକୁ ୬ ଉଇକେଟରେ ପରାସ୍ତ କରି ବ୍ଲୁ ରକଷ୍ଟାର ଯାଁଳା ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ନଁପୁଟ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି ଓ ଅନ୍ୟମାନେ।

୫ଟି ଉଇକେଟ ହରାଇ ୧୯୦ରନ କରିଥିଲା। ଜବାବରେ ଯାଁଳା ଦଳ ୧୯ ଓଭରରେ ୪ଟି ଉଇକେଟ ହରାଇ ଆବଶ୍ୟକ ୧୯୧ରନ କରି ବିଜୟ ଘୋଷିତ ହୋଇଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ନଁପୁଟର ଆଇଏସ ଗିରି ଓ ମ୍ୟାନ ଅଫ ଦିନ ମ୍ୟାଚ ଭାବେ ଯାଁଳା ଦଳର ସିଦ୍ଧାନ୍ତ ଜେନାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମ୍ୟାଚକୁ ପ୍ରଶାନ୍ତ ବେହେରା ଓ ପ୍ରକାଶ ପଟ୍ଟନାୟକ ପରିଚାଳନା କରିଥିବା ବେଳେ, ସ୍କୋରରେ ଅଭିଷେକ ପାଟଶାଣୀ ସହାୟତା କରିଥିଲେ।

## ବୋଲଗଡରେ ଗାନ୍ଧିଜୀଙ୍କ ୩ ଦିନର ରହଣି ହୋଇରହିଛି ଅବିସ୍ମରଣୀୟ

## ଆଜିଠାରୁ ଗାନ୍ଧୀ ସ୍ମାରକୀ ସମାରୋହ

**ବୋଲଗଡ,୮।୧୨(ଡି.ଏନ.ଏ.)–**

ଭାରତରମୁକ୍ତି ଆନ୍ଦୋଳନ ପାଇଁ ୧୯୨୭ ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମୟରେ ବୋଲଗଡରେ ରହିଥିଲେ। ଖଦି ସଙ୍ଗଠନ ଓ ରୟତମାନଙ୍କର ଦୁଃଖଦୁର୍ଦ୍ଦଶା ବୁଝିବାକୁ ଗାନ୍ଧୀଙ୍କର ଓଡ଼ିଶା ଆଗମନ ହୋଇଥିଲା। ଡିସେମ୍ବର ୯ ରେ ଗାନ୍ଧିଜୀ ବୋଲଗଡରେ ପହଞ୍ଚିଥିଲା ବେଳେ ୧୦ ଏବଂ ୧୧ ତାରିଖରେ ବୋଲଗଡ ଡାକବଙ୍ଗଳାଠାରେ ଅବସ୍ଥାନ କରିଥିଲେ। ଗାନ୍ଧିଜୀଙ୍କର ୩ ଦିନ ରହଣୀ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହେବା ସହ ବୋଲଗଡବାସୀଙ୍କ ପାଇଁ ଏହା ଅବିସ୍ମରଣୀୟ ହୋଇରହିଛି। ୮ ତାରିଖରେ ବାଣପୁରରେ ରହିବା ପରେ ପରଦିନ ୯ ତାରିଖ ସନ୍ଧ୍ୟାରେ ଗାନ୍ଧିଜୀ ବୋଲଗଡ ଚରଖା ସଂଘ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲେ। ୧୦ ତାରିଖ ସକାଳେ ବୋଲଗଡ ନିକଟ ଚୁଡା ଗ୍ରାମକୁ ଯାଇ ମହିଳାମାନଙ୍କ ଦ୍ୱାରା ଚରଖାରେ ସୂତା କଟା ଦେଖି ଉଚ୍ଚ ପ୍ରଶଂସା କରିଥିଲେ। ୧୧ ତାରିଖରେ ସ୍ଥାନୀୟ ଅଞ୍ଚଳ ବୁଲିବା ସହିତ ଖଦିର ପ୍ରସାର ସହ ଅସ୍ପୃଶ୍ୟତା ଭଳି ସାମାଜିକ ବ୍ୟାଧିଗୁଡିକର ନିରାକରଣ ପାଇଁ ପରାମର୍ଶମାନ ଦେଇଥିଲେ। ଏଥିପାଇଁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ବୋଲଗଡସ୍ଥିତ ନନ୍ଦିଘୋଷ ଅନୁଷ୍ଠାନ ପକ୍ଷରୁ ସୋମବାରଠାରୁ ଆୟୋଜିତ ହେବ ଗାନ୍ଧୀ ସ୍ମାରକୀ ସମାରୋହ। ଏଥିରେ ଗାନ୍ଧିଜୀଙ୍କ ବୋଲଗଡ ରହଣୀ ତାରିଖ ଅନୁସାରେ ୩ ଦିନ ଧରି ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଗାନ୍ଧୀଙ୍କ ବାଣପୁରଗସ୍ତର ୯୨ବର୍ଷ ପୂର୍ତ୍ତି

## ସର୍ବଧର୍ମ ପ୍ରାର୍ଥନା ସାଧାରଣ ସଭା

**ଖୋର୍ଦ୍ଧା ଅଫିସ,୮।୧୨:**

ଜାତିର ପିତା ମହାତ୍ମା ଗାନ୍ଧୀ ବାଣପୁର ଗସ୍ତର ୯୨ ବର୍ଷ ପୂର୍ତ୍ତି ଅବସରରେ ସର୍ବଧର୍ମ ପ୍ରାର୍ଥନା ସାଧାରଣ ସଭା ସ୍ଥାନୀୟ ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ରଘୁନାଥ ସାହୁ ଓ ଡ. ଦେବେନ୍ଦ୍ରନାଥ ମାନସିଂହଙ୍କ ସମେତ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା, ଉପାଧ୍ୟକ୍ଷ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଆଜିର ସମାଜରେ ମଧ୍ୟ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସା ନୀତିର ପ୍ରାସଙ୍ଗିକତା ରହିଥିବା ଅତିଥିମାନେ କହିଥିଲେ।

## ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

**ବାଲୁଗାଁ,୮।୧୨ (ଡି.ଏନ.ଏ.):**

ଓଡ଼ିଶାର ସଂସ୍କୃତି ଓ ଲୋକକଳାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ସ୍ଥାନୀୟ ବଡ଼କୁଳସ୍ଥିତ ଚିଲିକା ତଟଦେଶରେ ଅବସ୍ଥାପିତ ଓଡ଼ି ଆର୍ଟ ମ୍ୟୁଜିୟମ୍ ପରିସରରେ ଶନିବାରଠାରୁ ୫ଦିନ ବ୍ୟାପୀ ଚିଲିକା ସେଲ୍‌ଡକ୍ ଫକ୍ କାର୍ନିଭାଲ ଆରମ୍ଭ ହୋଇଛି । ସନ୍ଧ୍ୟାରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଭିନ୍ନ ଦିବସରେ ଆନ୍ତଃରାଜ୍ୟ ଲୋକକଳା ନୃତ୍ୟ ଓ ସଂଗୀତ ସହିତ ସ୍ଥାନୀୟ ଅଞ୍ଚଳର ପରମ୍ପରାକୁ ଉଜ୍ଜୀବିତ ଉଦ୍ଦେଶ୍ୟରେ ପିଠା ଓ ନୌଚାଳନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ରବିବାର ପୂର୍ବାହ୍ନରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ନେଇ ପାନ୍ଥନିବାସ ଜେଟିଠାରୁ ଜଟିଆନାସୀ ପାହାଡ଼ ମଧ୍ୟରେ ନୌଚାଳନା ପ୍ରତିଯୋଗିତା ହୋଇଥିଲା । ଦିନତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ସନ୍ଧ୍ୟାରେ ଯୁବତୀଯୁବକଙ୍କୁ ନେଇ ମିଷ୍ଟର ଓ ମିସେସ୍ ଚିଲିକା ପ୍ରତିଯୋଗିତା କରାଯାଇଥିଲା। ଜଜ୍ ଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ଶିବାନୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ସମ୍ବଲପୁରୀ ରଙ୍ଗଶାଳା ଗ୍ରୁପ୍ ପକ୍ଷରୁ ରଙ୍ଗବତୀ ଗୀତ ଓ ନୃତ୍ୟର ତାଳେ ତାଳେ ଦର୍ଶକ ଝୁମିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଅଞ୍ଚଳ ହଜାର ହଜାର ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

### ଚିଲିକା ସେଲ୍‌ଡକ୍ ଫକ୍ କାର୍ନିଭାଲ



ସମ୍ବଲପୁର ରଙ୍ଗଶାଳା ଗ୍ରୁପ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶିତ।

## ଶୋଭାଯାତ୍ରା ଡିଜେରେ ନାହିଁ ଲଗାମ

**ଖୋର୍ଦ୍ଧା ଅଫିସ,୮।୧୨:**

ଖୋର୍ଦ୍ଧା ସହରରେ ଶବ୍ଦ ପ୍ରଦୂଷଣ ଆଇନ ଶୀତଳଭଣ୍ଡାରରେ। ବିବାହ, ବ୍ରତ ଆଦି ବିଭିନ୍ନ ଶୋଭାଯାତ୍ରାରେ ଲଗାମ ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ରବିବାର ଗୁରୁଜଙ୍ଗ କୋଲିକାଣ ସାହି ଓ ଶ୍ରୀରାମନଗରରେ ବିବାହ ଶୋଭାଯାତ୍ରାରେ ବ୍ୟବହୃତ ଡିଜେର ଶବ୍ଦ ଅତିଶୟ ଉଚ୍ଚ ସ୍ୱରରେ ଥିଲା। ସ୍ଥାନୀୟ ଲୋକ ପୋଲିସକୁ ଅଭିଯୋଗ କରିବା ପରେ ପୋଲିସ ଚୁପ ରହିଥିଲା। ଏସ୍‌ପିଙ୍କୁ ଫୋନ କରିବା ପରେ ଗୁରୁଜଙ୍ଗ ଶୋଭାଯାତ୍ରା ଦଳକୁ ତାଗିଦ୍ କରି ପୋଲିସ ଫେରିଥିଲା।

## କ୍ରିକେଟ୍:ଗୁରୁଜଙ୍ଗ ଦଳ ସେମିରେ

**ଖୋର୍ଦ୍ଧା ଅଫିସ,୮।୧୨:**

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ କ୍ରିକେଟ୍ ପଡ଼ିଆରେ ଆରମ୍ଭ ହୋଇଛି ଗୁରୁଜଙ୍ଗ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ। ଉଦ୍‌ଘାଟନୀ ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଆନୁଷ୍ଠାନିକ ଭାବେ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସ ମ୍ୟାଚରେ ମେଣ୍ଢାଶାଳ ଦଳକୁ ୩୯ ରନରେ ହରାଇ ଗୁରୁଜଙ୍ଗ ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ଗୁରୁଜଙ୍ଗ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୮ ଓଭରରେ ୯ ଉଇକେଟ ହରାଇ ୧୫୨ ରନ କରିଥିଲା। ଜବାବରେ ମେଣ୍ଢାଶାଳ ଦଳ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ କରିବାକୁ ସକ୍ଷମ ହୋଇଥିଲା। ଗୁରୁଜଙ୍ଗ ଦଳର ଅନିଲ ବରାଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଭବାନୀ ମହାନ୍ତି ଓ ସାନୁଜା ବିଶ୍ୱାଳ ଖେଳ ପରିଚାଳନା କରିଥିବା ବେଳେ, ସ୍କୋରରେ ପ୍ରଶାନ୍ତ ପଟଯୋଶୀ ସହାୟତା କରିଥିଲେ।

**୧୧ରେ ହ୍ୟାଣ୍ଡବଲ ସିଲେକ୍ସନ ଟ୍ରାଏଲ**

**ପୁରୀ ଅଫିସ:** ରାଜ୍ୟ ସିନିୟର ହ୍ୟାଣ୍ଡବଲ ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରତିଯୋଗିତା ଡିସେମ୍ବର ୧୩ ଓ ୧୪ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ଲାଗି ପୁରୀ ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ ପକ୍ଷରୁ ଜିଲାସ୍ତରୀୟ ତାଲିମ ଓ ସିଲେକ୍ସନ ଟ୍ରାଏଲ ଆସନ୍ତା ୧୧ତାରିଖରେ ଏସ୍‌ସିଏସ୍ କଲେଜରେ ସକାଳ ସାଢେ ୬ଟାରେ ଅନୁଷ୍ଠିତ ହେବ।



## ସଂକ୍ଷେପରେ

### ଗଣଶିକ୍ଷାମନ୍ତ୍ରୀଙ୍କ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ନିମାପଡ଼ା,୮।୧୨(ଡି.ଏନ୍.ଏ):** ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ରବିବାର ଅଚାନକ ନିମାପଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ୱାର୍ଡ ଓ ଔଷଧ ବିତରଣ କେନ୍ଦ୍ର ବୁଲି ଦେଖିବା ସହ ରୋଗୀମାନଙ୍କ ସହ ସ୍ୱାସ୍ଥ୍ୟାବସ୍ଥା ଓ ସେବା ବିଷୟରେ ପଚାରି ବୁଝିଥିଲେ। ଏହାସହ ଡାକ୍ତରଖାନାରେ ପାନୀୟ ଜଳ ବ୍ୟବସ୍ଥା, ସ୍ୱଚ୍ଛତା ଓ ଔଷଧ ବିତରଣ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ରୋଗୀମାନଙ୍କୁ ଉତ୍ତମ ସେବା ଓ ଆମ୍ବୁଲାନ୍ସ ଯୋଗାଇଦେବାକୁ ଡାକ୍ତର ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରୋଗୀମାନଙ୍କ ସେବା ନିମନ୍ତେ ନିମାପଡ଼ାକୁ ଆସିଥିବା ଏକ ନୂତନ ୧୦୮ ଆମ୍ବୁଲାନ୍ସକୁ ମନ୍ତ୍ରୀ ଦାଶ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ଡା.ସଂଘମିତ୍ରା ମହାପାତ୍ର, ଫାର୍ମାସିଷ୍ଟ ଆଇ.ତ୍ରିନାଥ ପାତ୍ରଙ୍କ ସମେତ ବହୁ ସ୍ୱାସ୍ଥ୍ୟକର୍ମୀ, ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।

### ଅଗ୍ନିକାଣ୍ଡରେ ୧ ବଖରା ଜଳିଗଲା

**ଡେଲାଙ୍ଗ, ୮।୧୨(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ତରବୋଇ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୀନବନ୍ଧୁ ପୂଜାରୀଙ୍କ ୧ ବଖରା ଜଳିଯାଇଛି। ଏଥିରେ ତାଙ୍କର ବିରି, ମୁଗ,ଧାନ, ଚାଉଳ ସହ ଆସବାବପତ୍ର ଏବଂ ଜରୁରୀ କାଗଜପତ୍ର ପୋଡିନଷ୍ଟ ହୋଇଯାଇଛି। ଖବର ପାଇ ଡେଲାଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡିଛି। ଅଗ୍ନିକାଣ୍ଡ ଇଲେକ୍ଟ୍ରିକ କରେଣ୍ଟରୁ ଘଟିଥିବା ଅନୁମାନ କରାଯାଇଛି।

### ବେଳାଭୂମି ସ୍ୱଚ୍ଛତା ବାର୍ତ୍ତା ଦେଲା ଅମଲା କ୍ଲବ

**ପୁରୀ ଅଫିସ, ୮।୧୨ :** ଅମଲା କ୍ଲବ ପକ୍ଷରୁ ରବିବାର ଦିଗବାରେଣୀ ଖୁଣ୍ଟି ନିକଟ ସମୁଦ୍ରକୂଳ ସଫେଇ କରାଯାଇଛି। ଜିଲାପାଳ ବଳବନ୍ତ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ଦିଲୀପ ନାୟକ, ସମ୍ପାଦକ ଦୁର୍ଗା ପ୍ରସନ୍ନ ମହାନ୍ତିଙ୍କ ସମେତ ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଏହି ଅଭିଯାନରେ ସାମିଲ ହୋଇ ବେଳାଭୂମି ସ୍ୱଚ୍ଛତା କରିଥିଲେ। ପରେ ସାମନ୍ତଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲା ପ୍ରଶାସନ ଏବଂ ଜିଲା ପରିଷଦ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ବଳବନ୍ତ ସିଂ ଏବଂ ଜିଲାପରିଷଦ ପକ୍ଷରୁ ଜ୍ୟୋତିର୍ମୟ ଦଳାଇ ନେତୃତ୍ୱ ନେଇଥିଲେ। ଡିଆରଡିଏ ନିର୍ଦ୍ଦେଶକ ବିଶାଳ ସିଂ, ଆଇଏଏସ୍ ଅଫିସର ଭୁବନେଶ୍ୱର ପଟେଲ ଏବଂ ଜିଲା ପରିଷଦର ସଭ୍ୟମାନେ ସାମିଲ ହୋଇଥିଲେ। ଜିଲା ପରିଷଦ ୨ୱିକେଟରେ ବିଜୟୀ ହୋଇଥିଲା। କ୍ରୀଡା ସଙ୍ଗଠକ ସବ୍ୟସାଚୀ ରଥ, ରଣଜିତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ।

### ୧୦ରେ ବକୁରେ ଗୀତାଜୟନ୍ତୀ

**କଣାସ, ୮।୧୨(ସ୍ୱ.ପ୍ର.):** କଣାସ ବ୍ଲକର ବକୁଠାରେ ଗୀତାଜୟନ୍ତୀ ଅବସରରେ ତ୍ରୟବିଂଶତମ ଗୀତାଜ୍ଞାନ ଓ ଶ୍ରୀରାମଚରିତମାନସ ପାରାୟଣ ପ୍ରବଚନ ମହୋତ୍ସବ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଆସନ୍ତା ୧୦ତାରିଖଠାରୁ ଆରମ୍ଭ ହେବ। ପ୍ରତ୍ୟହ ସୂର୍ଯ୍ୟପୂଜା, ଧେନୁପୂଜା, ସାଲାପ୍ରବେଶ, ବୈଦିକ ଯଜ୍ଞ ସହିତ ଗ୍ରନ୍ଥପାରାୟଣ ଓ ପ୍ରବଚନ ସମ୍ପନ୍ନ ହେବ। ଏଥିରେ ଓଡ଼ିଶାର ପ୍ରତିଷ୍ଠିତ ପ୍ରବକ୍ତାମାନେ ଯୋଗଦେବେ। ପ୍ରତ୍ୟହ ଧର୍ମସଭାରେ ବରିଷ୍ଠ ସମାଜିକ କର୍ମୀ ତଥା ପୂଜ୍ୟପୂଜା ସଂସଦର ରାଜ୍ୟ ସଭାପତି କୃଷ୍ଣ ଜଗଦେବ ଅଧକ୍ଷତା କରିବେ। ଏଥିରେ ଭକ୍ତବୃନ୍ଦ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି।

### ଟ୍ରେନ୍ ଧକ୍କାରେ କ୍ଷତାକ୍ତ ଷଣ୍ଢକୁ ଉଦ୍ଧାର କଲା ଅଗ୍ନିଶମ ବିଭାଗ

**ଡେଲାଙ୍ଗ, ୮।୧୨(ଡି.ଏନ୍.ଏ.):** ଡେଲାଙ୍ଗ ଓ ଜେନାପୁର ରେଳ ଷ୍ଟେଶନ ମଧ୍ୟରେ ପୀଡ଼ପାଟଣା ଗ୍ରାମ ନିକଟରେ ଥିବା ଗହୀରର ରେଳ ଧାରଣା କଡ଼ରେ କ୍ଷତାକ୍ତ ହୋଇ ଗୁରୁତର ଅବସ୍ଥାରେ ପଡ଼ିଥିବା ଏକ ଷଣ୍ଢକୁ ଡେଲାଙ୍ଗ ଅଗ୍ନିସମ ବିଭାଗର କର୍ମଚାରୀଙ୍କ ସହଯୋଗରେ ଉଦ୍ଧାର କରାଯାଇଛି। ଷଣ୍ଢଟି ଶନିବାର ଟ୍ରେନ ଧକ୍କାରେ କ୍ଷତାକ୍ତ ହୋଇ ପଡିଥିବାବେଳେ ଆଜି ସ୍ଥାନୀୟ ଲୋକେ ଦମକଳ ବାହିନୀଙ୍କୁ ଖବର ଦେଇଥିଲେ।

# ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଭିତ୍ତିଭୂମି ପ୍ରସ୍ତୁତି

**ପୁରୀ ଅଫିସ, ୮।୧୨**

ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଲେଜ ମଧ୍ୟରୁ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଅନ୍ୟତମ। ପଠାଣି ସାମନ୍ତ ଚନ୍ଦ୍ରଶେଖରଙ୍କ ନାମରେ ନାମିତ ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିଲାଗି କଲେଜ ପକ୍ଷରୁ ଭିତ୍ତିଭୂମି ପ୍ରସ୍ତୁତି ଚାଲିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ମହାବିଦ୍ୟାଳୟକୁ ବାରମ୍ବାର ଗସ୍ତରେ ଆସି ଏହାର ଭିତ୍ତିଭୂମି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ସୁଜାତା ମିଶ୍ର କହିଛନ୍ତି, ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିବା ଲାଗି ସମସ୍ତ ଭିତ୍ତିଭୂମି ଉପଲବ୍ଧ ରହିଛି। ଏଥିପାଇଁ ଆବଶ୍ୟକ କାର୍ଯ୍ୟ ଜାରି ରହିଛି। ସମସ୍ତ ବିଭାଗରେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମ ଖୋଲାଯିବ। ଅଧିକରୁ ଅଧିକ ବାହ୍ୟ ଶିକ୍ଷାନୁଷ୍ଠାନ ସହିତ ଏମ୍‌ଓୟୁ ସ୍ୱାକ୍ଷର କରାଯାଇ ସାର୍ଟିଫିକେଟ ଓ ଡିପ୍ଲୋମା ପାଠ୍ୟକ୍ରମ ଖୋଲାଯିବ। ସେହିପରି ଉପାଧ୍ୟକ୍ଷ ପ୍ରଫେସର ଶଙ୍କର ଦାଶ କହିଛନ୍ତି, ୧ ନମ୍ବର ହଷ୍ଟେଲର ଅନ୍ତେବାସୀଙ୍କୁ ପୁରୁଣା ସୁକନ୍ୟା ହଷ୍ଟେଲକୁ ସ୍ଥାନାନ୍ତର କରାଯିବ। ସେଠାରେ ଏଜୁକେଶନାଲ କମ୍ପ୍ଲେକ୍ସ ନିର୍ମାଣ ହେବ। ପାଥରପୁରୀରେ ନୂତନ ହଷ୍ଟେଲ, ରବୀନ୍ଦ୍ରନାଥ ଟାଗୋରଙ୍କ ସଂଗ୍ରହାଳୟ ଓ ଗ୍ରନ୍ଥାଗାର ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ରହିଛି। ପୂର୍ବରୁ କଳା, ବିଜ୍ଞାନରେ ୪ବର୍ଷୀୟ ଇଣ୍ଟିଗ୍ରେଟେଡ ଓ ୩ ବର୍ଷୀୟ ବିଇଡି (ସ୍ନାତକ ପରେ) ପାଠ୍ୟକ୍ରମ ରହିଥିଲା। ଏବେ ବାଣିଜ୍ୟରେ ଏହି ଦୁଇଟି ପାଠ୍ୟକ୍ରମ ଖୋଲାଯିବ। ଏଥିସହ କଳା, ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକ ପରେ ୩ ବର୍ଷୀୟ ଇଣ୍ଟିଗ୍ରେଟେଡ୍ ବିଇଡି ଏବଂ ଏମ୍‌ଇଡି ପାଠ୍ୟକ୍ରମ ଖୋଲାଯିବାକୁ ପ୍ରସ୍ତାବ ରହିଛି। ବିଇଡିର ୪ଟି ସ୍ମାର୍ଟ କ୍ଲାସରୁମ୍ ରହିଛି। ବର୍ତ୍ତମାନ ଫିଜିକାଲ ସାଇନ୍ସ, ବଟାନି/ଜୁଲୋଜି ଓ ସୋସିଆଲ ସାଇନ୍ସ ସ୍ମାର୍ଟ କ୍ଲାସରୁମ୍ ଖୋଲାଯାଇଛି। କଲେଜ ସମ୍ମୁଖ ଜାଗାରେ ୩ ମହଲା ବିଶିଷ୍ଟ ପ୍ରଶାସନିକ ବ୍ଲକ ନିର୍ମାଣ ହେବ। ଉପର ମହଲାରେ ଏକ ହଜାର ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷ, ଦ୍ୱିତୀୟ ମହଲାରେ ପ୍ରଶାସନିକ କାର୍ଯ୍ୟାଳୟ ଓ ବେସ୍‌ମେଣ୍ଟରେ ପାର୍କିଂ ବ୍ୟବସ୍ଥା ରହିବ।

**ଏସ୍‌ସିଏସ୍ କଲେଜ**

- ସମସ୍ତ ବିଭାଗରେ ଖୋଲିବ ପିଜି ସିଟ୍
- ନିର୍ମାଣ ହେବ ପ୍ରଶାସନିକ ଓ ଏକାଡେମିକ କୋଠା
- ଖୋଲିବ ୩ ବର୍ଷୀୟ ଇଣ୍ଟିଗ୍ରେଟେଡ ବିଇଡି, ଏମ୍‌ଇଡି
- କ୍ୟାମ୍ପସରେ ହେବ ପଠାଣି ସାମନ୍ତ ସଂଗ୍ରହାଳୟ
- ପାଥରପୁରୀରେ ହେବ ଟାଗୋର ସଂଗ୍ରହାଳୟ, ଗ୍ରନ୍ଥାଗାର



ବାତ୍ୟା ଫନୀରେ ଭାଙ୍ଗିପଡ଼ିଥିବା ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କରାଯିବ। ସେଠାରେ ଷ୍ଟାଫଙ୍କ ଲାଗି ପାର୍କିଂ ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହେବ। ତାଳବଣିଆରେ ରହିଥିବା ୧୬ ଏକର ଜାଗାରୁ ୫ଏକର ଜାଗା ଜୁନିୟର କଲେଜକୁ ଦିଆଯାଇଛି। ସେଠାକାର ଷ୍ଟାଫ କ୍ୱାର୍ଟର୍ସ ମରାମତି କରାଯିବ। ସେଲ୍ଫ ଫାଇନାନ୍ସ କୋର୍ସ ଲାଗି ସେଠାରେ ଅତ୍ୟାଧୁନିକ କୋଠା ନିର୍ମାଣ ହେବ। ବିଶ୍ୱବ୍ୟାଙ୍କ ପକ୍ଷରୁ ୫କୋଟି ଅନୁଦାନ ମିଳିଛି। ଏଥିରେ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ଓ ଏକାଡେମିକ୍ ବ୍ଲକ ନିର୍ମାଣ କରାଯିବ। ମହାବିଦ୍ୟାଳୟ ପରିସରରେ ୨୫୦ କେଭିର ଦୁଇଟି ଟ୍ରାନ୍ସଫର୍ମର ଲଗାଯାଇଛି। ୩ଶହ ଶଯ୍ୟା ବିଶିଷ୍ଟ ୨ଟି ଛାତ୍ରୀନିବାସ ଏବଂ ୩ଟି ଛାତ୍ରାବାସ ରହିଛି। ଏସ୍‌ସି/ଏସ୍‌ଟି ଛାତ୍ରଙ୍କ ଲାଗି ଏକ ସ୍ୱତନ୍ତ୍ର ହଷ୍ଟେଲ ନିର୍ମାଣ ଲାଗି ଜିଲା ପ୍ରଶାସନକୁ ଚିଠି ଲେଖାଯାଇଛି। କଲେଜର ଉପରୋକ୍ତ ଭିତ୍ତିଭୂମି ବିକାଶ ଲାଗି ୟୁଜିସି ଏବଂ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଦୀର୍ଘଦିନ ହେଲା ଛାତ୍ରୀଛାତ୍ରମାନେ କ୍ୟାମ୍ପସ ପରିସରରେ ପଠାଣି ସାମନ୍ତ ଚନ୍ଦ୍ରଶେଖରଙ୍କ ନାମରେ ସଂଗ୍ରହାଳୟ ପ୍ରତିଷ୍ଠା ଲାଗି ଦାବି କରିଆସୁଛନ୍ତି। ଏ ନେଇ ଆଲୋଚନା ହୋଇଛି। ତ୍ୱରିତ ପଦକ୍ଷେପ ନିଆଯିବ। ଗୁଣାତ୍ମକ ଶିକ୍ଷା, ସବୁଜିମା ପରିବେଶ ଏବଂ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଉପାଧ୍ୟକ୍ଷ ଦାଶ ପ୍ରକାଶ କରିଛନ୍ତି।



ପର୍ଯ୍ୟଟକମାନେ ଏମାର ମଠ ଚକଡାରେ ଆସବାବପତ୍ର ଧରି ଛିଡା ହୋଇଛନ୍ତି।

### ଅଚାନକ ଲଜ୍ ଛାଡିବାକୁ ନିର୍ଦ୍ଦେଶ

## ଆସବାବପତ୍ର ଧରି ରାସ୍ତାରେ ଯାତ୍ରୀ

**ପୁରୀ ଅଫିସ, ୮।୧୨**

ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଉଚ୍ଛେଦ ଜାରି ରହିଛି। ପର୍ଯ୍ୟାୟକ୍ରମେ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟ କରାଯାଉଛି। କିନ୍ତୁ ରବିବାର ଏହି ଉଚ୍ଛେଦକୁ ନେଇ ଏମାର ମଠ ଚକଡାରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। କେତେଜଣ ଯାତ୍ରୀ ଆସବାବପତ୍ର ଧରି ରାସ୍ତାରେ ଠିଆ ହୋଇଥିଲେ। ହଠାତ୍ ସେମାନଙ୍କୁ ଲଜ୍‌ରୁ ବାହାର କରିଦିଆଗଲା। ରହିବେ ଏବେ କେଉଁଠି, ତାଙ୍କ ପଇସା ଫେରାଇବ କିଏ ଏମିତି କହି ହେଉଥିଲେ। ହେଲେ ତାଙ୍କ ସମସ୍ୟା ସମାଧାନ କରିବାକୁ ନ ଥିଲେ ଲଜ୍ ମାଲିକ କିମ୍ବା ପୋଲିସ। ବାଧ ହୋଇ ସେମାନେ ଜାଗା ଛାଡିଥିଲେ।

ଲକ୍ଷ୍ନୌରୁ ଆସିଥିଲେ ରାମରାଜା ଯାଦବଙ୍କ ପରିବାର। ସେମାନେ ଶନିବାର ମଙ୍ଗୁ ମଠ କୋଠାରେ ଥିବା ଲଜ୍‌ରେ ରହିଥିଲେ। ଭଡ଼ା ବାବଦକୁ ୮ ହଜାର ଟଙ୍କା ବି ଦେଇଥିଲେ। ହେଲେ ରବିବାର ସକାଳେ ଅଚାନକ ପୋଲିସ ପହଞ୍ଚି ମଠ ଉଚ୍ଛେଦ ହେବ ତେଣୁ ସେମାନଙ୍କୁ ଲଜ୍ ଛାଡିବାକୁ କହିଥିଲା। ପୋଲିସକୁ ଦେଖି ସେମାନେ ଆସବାବପତ୍ର ଧରି ବାହାରକୁ ପଳାଇ ଆସିଥିଲେ। ହେଲେ ତାଙ୍କ ପଇସା ଫେରାଇବ କିଏ? ସେତେବେଳେ ଲଜ୍‌ର କୌଣସି କର୍ମଚାରୀଙ୍କ ବି ଦେଖା ମିଳି ନ ଥିଲା। ତେଣୁ ଦୀର୍ଘ ସମୟ ଆସବାବପତ୍ର ଧରି ରାସ୍ତାରେ ଛିଡା ହେବା ପରେ ମନଦୁଃଖରେ ଫେରି ଯାଇଥିଲେ। ରାମରାଜା କହିଥିଲେ, ଆମେ ଶନିବାର ଆସିଥିଲୁ। ଲଜ୍‌ରେ ରହିବା ପାଇଁ ୮ ହଜାର ଟଙ୍କା ଦେଇଥିଲୁ। ଦୁଇଦିନ ରହିଥାନ୍ତୁ। ହେଲେ ଅଚାନକ ପୋଲିସ ପହଞ୍ଚି ଲଜ୍ ଛାଡିବାକୁ କହିଲା। କିନ୍ତୁ ଆମେ ଦେଇଥିବା ଟଙ୍କା କିଏ ଫେରାଇବ ସେ ବିଷୟରେ କେହି କିଛି କହିଲେ ନାହିଁ। ଯଦି ଉଚ୍ଛେଦ ହେବାର ଥିଲା ତେବେ ଲଜ୍ ପକ୍ଷରୁ ଆମକୁ ଅବଗତ କରାଯାଇଥିଲେ ଆମେ ଅନ୍ୟତ୍ର ରହିଥାନ୍ତୁ। କିନ୍ତୁ ଏ ବିଷୟରେ କିଛି ସୂଚନା ଦିଆଯାଇ ନ ଥିଲା। କେବଳ ରାମରାଜାଙ୍କ ପରିବାର ନୁହଁନ୍ତି ଏହି ଲଜ୍‌ରେ ଥିବା ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଏମିତି ହଇରାଣ ହୋଇଥିଲେ।

### ପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ

# ମନ ମୋହିଲା ମାନିନୀ



ମଞ୍ଚରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ପୁରୀ ଅଫିସ, ୮।୧୨**

ମାନମୟୀ ଶ୍ରୀରାଧା ବେଶ ପରିପାଟୀରେ ଆଭୂଷଣ ହୋଇ ନିଜ କୁଞ୍ଜରେ କେଳି କରିବା ପାଇଁ ନଟବର ଶ୍ରୀକୃଷ୍ଣଙ୍କ ଅପକ୍ଷା କରିଛନ୍ତି। କିନ୍ତୁ ନଟଖଟିଆ ଶ୍ରୀକୃଷ୍ଣ ଚନ୍ଦ୍ରାବଳୀଙ୍କ ସହ ତାଙ୍କ କୁଞ୍ଜରେ କେଳି କରୁଛନ୍ତି। ରାତି ପାହି ଆସୁଛି। ହେଲେ ଶ୍ରୀରାଧାଙ୍କ କୁଞ୍ଜକୁ ଆସୁନାହାନ୍ତି ଶ୍ରୀକୃଷ୍ଣ। ଏପଟେ ଅଥୟ ହେଲେଣି ରାଧାରାଣୀ। ମନ ଭିତରେ ବି ଅନେକ ଭାବନା ଗୁଞ୍ଜରିତ ହେଉଛି। ଶେଷରେ ଅଭିମାନିନୀ ରାଧାଙ୍କ ମନରେ କ୍ରୋଧ ଜାତ ହୋଇଛି। ସେ ଆଉ କେବେ ବି ଶ୍ରୀକୃଷ୍ଣଙ୍କ ସହ ରାସ କରିବେ ନାହିଁ ବୋଲି ତାଙ୍କର ସଖୀମାନଙ୍କୁ କହୁଛନ୍ତି। ରାତ୍ରୀର ବିଳମ୍ବିତ ପ୍ରହରରେ ହଟିଆ କୃଷ୍ଣ ଆସୁଛନ୍ତି ଶ୍ରୀରାଧାଙ୍କ କୁଞ୍ଜକୁ। ହେଲେ କେହି ତାଙ୍କ ଆଡେ ଚାହୁଁନାହାନ୍ତି। ସମସ୍ତଙ୍କୁ ମନାଇ ସେ ପୁଣି ରାଧାରାଣୀଙ୍କ ସହ ରାସ କରିଛନ୍ତି। ରବିବାର ସିଂହଦ୍ୱାର ସମ୍ମୁଖରେ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମରେ ନୃତ୍ୟନାଟିକା (ରାସ) ମାନିନୀ ପରିବେଷଣ କରାଯାଇଥିଲା। ପୁରୀର ନବ ପ୍ରତିଭା ଅନୁଷ୍ଠାନର ଶିଳ୍ପୀମାନେ ଭକ୍ତକବି ଶ୍ରୀଜୟଦେବଙ୍କ ରଚିତ ଗୀତଗୋବିନ୍ଦର ଗୋଟିଏ ପଦ୍ଧତି ଦେହି ପଦପଲ୍ଲବ ମୁଦାରମ୍‌ର ଅନୁସରଣରେ ଏହା ନୃତ୍ୟନାଟିକାଟିକୁ ପରିବେଷଣ କରିଥିଲେ, ଯାହାକି ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା।

ଶଙ୍ଖଧ୍ୱନି ଏବଂ ବେଦଧ୍ୱନି ସହ ଅରୁଣ ସ୍ତମ୍ଭ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଶ୍ରୀଜଗନ୍ନାଥାଷ୍ଟକମ୍ ଆବୃତ୍ତି କରିଥିଲେ। ନେବଳ ଦାସ ମଠ ମହନ୍ତ ଡ. ରାମଚରଣ ଦାସମହାରାଜ ଧର୍ମଗ୍ରନ୍ଥ ପାଠ କରିବା ଅବସରରେ ଶ୍ରୀମଦ୍ ଭଗବତ ଗୀତାର ୧/୨ଟି ଶ୍ଳୋକ ଓ ଏହାର ବ୍ୟାଖ୍ୟା କରିଥିଲେ। ଏହାପରେ ସାମୂହିକ ପ୍ରାର୍ଥନା ଗାନ କରାଯାଇଥିଲା। ଡ. ନରେଶ ଚନ୍ଦ୍ର ଦାଶ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ରଚନାରୁ ଦୀନବନ୍ଧୁ ! ଏହି ଅଳି ଶ୍ରୀଛାମୁରେ... ପ୍ରାର୍ଥନା ବୋଲିଥିବାବେଳେ ଉପସ୍ଥିତ ଶ୍ରଦ୍ଧାଳୁମାନେ ମଧ୍ୟ ସାମୂହିକ ଭାବେ ଏହାକୁ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ସଂଯୋଜନା କରିଥିବାବେଳେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଓ ଶ୍ରୀମନ୍ଦିର ଓଏସ୍‌ଡି ଶୁଭ୍ରାଂଶୁ ଶେଖର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

### ଯୌତୁକ ପାଇଁ ପୋଡ଼ି ମାରିଦେବାକୁ ଉଦ୍ୟମ

**ନିମାପଡ଼ା,୮।୧୨(ଡି.ଏନ୍.ଏ)**

ନିମାପଡ଼ା ଥାନା ଅନ୍ତର୍ଗତ ଆମ୍ଭୋର ଗ୍ରାମର ଜଣେ ମହିଳାଙ୍କୁ ଯୌତୁକ ପାଇଁ ନିର୍ଯ୍ୟାତନା ଦେବା ସହ କିରୋସିନ ଢାଳି ପୋଡି ମାରିବାକୁ ଉଦ୍ୟମ କରିଥିବା ରବିବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ସ୍ୱାମୀ ଓ ଶ୍ୱଶୁରଙ୍କ ନାମରେ ନଂ. ୩୧୪/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଘଣ୍ଟିକଡ଼ା ଗ୍ରାମର ପ୍ରସନ୍ନ ମହାନ୍ତିଙ୍କ ଝିଅ ନିବେଦିତା ୮ବର୍ଷ ତଳେ ଆମ୍ଭୋର ଗ୍ରାମର ଜମ୍ବେଶ ମହାପାତ୍ରଙ୍କ ପୁଅ ପ୍ରଦୀପଙ୍କୁ ବିବାହ କରିଥିଲେ। ଶାଶୁଘର ଦାବି ମୁତାବକ ଯୌତୁକ ଦେଇଥିଲେ। କିନ୍ତୁ ବିବାହର ୩ବର୍ଷ ପରେ ସ୍ୱାମୀ, ଶାଶୁ ଓ ଶ୍ୱଶୁର ଅଧିକ ଯୌତୁକ ଦାବିକରି ନିବେଦିତାଙ୍କୁ ମାନସିକ, ଶାରୀରିକ ନିର୍ଯ୍ୟାତନା ଦେଇଆସୁଥିଲେ। ଏହାସହ ସ୍ୱାମୀ ଛାଡ଼ପତ୍ର ଦେବା ପାଇଁ ବାରମ୍ବାର ଧମକ ଚମକ ଦେଇଥିଲେ। ଏପରିକି ଗତ ମାସ ୨୯ତାରିଖରେ ଶାଶୁଘର ଲୋକେ ମାଡ଼ ମାରିବା ସହ କିରୋସିନ ଢାଳି ପୋଡି ମାରିଦେବାକୁ ଉଦ୍ୟମ କରିଥିବା ନିବେଦିତା ଅଭିଯୋଗରେ ଦର୍ଶାଇଛନ୍ତି। ଶେଷରେ ନିର୍ଯ୍ୟାତନା ସହ୍ୟ ନ କରି ନିବେଦିତା ତାଙ୍କ ୭ବର୍ଷର ଶିଶୁପୁତ୍ରକୁ ନେଇ ବାପଘରକୁ ଚାଲିଯିବା ପରେ ଥାନାରେ ଅଭିଯୋଗ କରିଥିଲେ।

### ଗୋପ କଲେଜରେ ଲାଇବ୍ରେରିଆନ୍ ନିଯୁକ୍ତିରେ ଚଞ୍ଚକତା ପ୍ରସଙ୍ଗ

## ଘୁଞ୍ଚିଲା ସାକ୍ଷାତ୍‌କାର ତାରିଖ

**ଗୋପ, ୮।୧୨(ଡି.ଏନ୍.ଏ.)**

ଗୋପ ମହାବିଦ୍ୟାଳୟରେ ଲାଇବ୍ରେରିଆନ୍ ନିଯୁକ୍ତିରେ ଚଞ୍ଚକତା କରାଯାଇ ୨ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ଓଡ଼ିଶା ହାଇକୋର୍ଟ ଉଚ୍ଚ ଶିକ୍ଷା ବିଭାଗକୁ ନିଯୁକ୍ତିକୁ ରଦ୍ଦ କରିବା ସହ ପୁନଃ ସାକ୍ଷାତକାର କରି ନିଯୁକ୍ତି ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏ ନେଇ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ମିଳିବା ପରେ କଲେଜ ପକ୍ଷରୁ ରବିବାର ସାକ୍ଷାତକାର ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ମାତ୍ର କର୍ତ୍ତୃପକ୍ଷ ସାକ୍ଷାତକାର ତାରିଖ ଘୁଞ୍ଚାଇଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଫଳରେ ପରିଚାଳନା କମିଟିର ଭୂମିକା ସନ୍ଦେହଘେରକୁ ଆସିଥିବାବେଳେ ଜାଲିଆତିରେ କେତେକ ଅଧ୍ୟାପକ ଓ କର୍ମଚାରୀ ସଂପୃକ୍ତ ଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଗୋପ କଲେଜରେ ଦୁଇଟି ଲାଇବ୍ରେରିଆନ୍ ପଦବୀ ଲାଗି ୧୦।୦୩।୨୦୧୫ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦବୀ ଲାଗି ମୋଟ ୬୧ ଜଣ ଆଶାୟୀ ପ୍ରାର୍ଥୀ ଆବେଦନ କରିଥିଲେ। ମାତ୍ର କଲେଜ କର୍ତ୍ତୃପକ୍ଷ ମେଧା ତାଲିକାରେ ଥିବା କିଛି ଆଶାୟୀଙ୍କୁ ସାକ୍ଷାତକାରକୁ ନ ଡକାଇ ଚଞ୍ଚକତା କରି ୨ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ପରେ ଏହି ନିଯୁକ୍ତି ଉପରେ ପ୍ରଶ୍ନ ଉଠାଇ ମାଧବିକା ମାଝି ନାମକ ଜଣେ ଆଶାୟୀ ପ୍ରାର୍ଥିନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ନିଯୁକ୍ତି ଅସିଦ୍ଧ ଘୋଷିତ ହୋଇଥିଲା। ମାତ୍ର କଲେଜ କର୍ତ୍ତୃପକ୍ଷ କୌଣସି ବିଜ୍ଞାପନ ନ ଦେଇ ତରବରିଆ ଭାବେ ୩ ରୁ ୪ ଜଣ ଆଶାୟୀ ପ୍ରାର୍ଥୀଙ୍କୁ ୮ତାରିଖରେ ସାକ୍ଷାତକାର ପାଇଁ ଡାକିଥିଲେ। ଏନେଇ ରବିବାର କେତେକ ଆଶାୟୀ ପ୍ରାର୍ଥୀ କଲେଜରେ ପହଞ୍ଚିଥିଲେ ମଧ୍ୟ କଲେଜ ବନ୍ଦ ଯୋଗୁ କୌଣସି ସୂଚନା ନ ପାଇ ଫେରିଥିଲେ। ଏ ନେଇ ମହାବିଦ୍ୟାଳୟ ଅଧକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କୁ ପଚାରିବାରେ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ। ଧରାପଡ଼ିଯିବା ଭୟରେ ସାକ୍ଷାତକାର ତାରିଖକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଯାଇଥିବା ଜନୈକ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ହରିଭାଉ ୱାକଣେକରଙ୍କ ଜନ୍ମଶତବାର୍ଷିକ ସମାରୋହ

**କୋଣାର୍କ, ୮।୧୨(ଡି.ଏନ୍.ଏ.)**

କୋଣାର୍କର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶୋଭନୀୟ ଶିକ୍ଷାଶ୍ରମଠାରେ ସଂସ୍କାର ଭାରତୀ ଉତ୍କଳ ପ୍ରଦେଶ ଓ କୋଣାର୍କ ଶାଖା ମିଳିତ ଆନୁକୂଲ୍ୟରେ ପଦ୍ମଶ୍ରୀ ଡ.ବିଷ୍ଣୁଶ୍ରୀଧର ହରିଭାଉ ୱାକଣେକରଙ୍କ ଜନ୍ମଶତବାର୍ଷିକ ସମାରୋହ ପାଳିତ ହୋଇଯାଇଛି। ସଂସ୍କାର ଭାରତୀ ପ୍ରାନ୍ତିୟ ଅଧକ୍ଷ ତଥା ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଗବେଷକ ଡ. କୋରାପ୍ରସାଦ ପାଢୀ, ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ରୁକ୍ମଣୀ ଦେବୀ, ଶିକ୍ଷାବିତ୍ ସ୍ନେହପ୍ରଭା ସାମନ୍ତରାୟ, କୋଣାର୍କ ଶାଖା ସଭାପତି ହରିଶ୍ଚନ୍ଦ୍ର ଦାଶ, ସଂସ୍କାର ଭାରତୀର ପ୍ରାନ୍ତିୟ ସମ୍ପାଦକ ନିତାଇଚରଣ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। କଳାସଂସ୍କୃତିର ପ୍ରଚାର ପ୍ରସାର, ପୁରାତନ ଐତିହ୍ୟ ଓ କୀର୍ତ୍ତୀରାଜିର ପୁନରୁଦ୍ଧାର, ବିଲୁପ୍ତ ଭାରତୀୟ ପ୍ରାଚୀନ କଳାସଂସ୍କୃତିର ପୁନଃ ଜାଗରଣ କରି ସାଂସ୍କୃତିକ ଚେତନାକୁ ଉଜ୍ଜୀବିତ ରଖିବା ପାଇଁ ସାମଗ୍ରୀକ ଭାବରେ ପ୍ରୟାସ କରିବା ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନ ୧୧ଘଟିକା ସମୟରେ ଏଏସ୍‌ଆଇର ପୂର୍ବତନ ଅଧିକାରୀ ପାଢ଼ୀଙ୍କ ନେତୃତ୍ୱରେ ୬୦ଜଣ ଛାତ୍ରୀଛାତ୍ର ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ସେମାନଙ୍କୁ ମନ୍ଦିରର ଐତିହ୍ୟ, ଇତିହାସ, କଳାକୃତୀ ଓ ଭାସ୍କର୍ଯ୍ୟ ସମ୍ବନ୍ଧରେ ପାଢୀ ପୁଙ୍ଖାନୁ ପୁଙ୍ଖ ଭାବରେ ବୁଝାଇଥିଲେ। ଶୋଭନୀୟ ଶିକ୍ଷାଶ୍ରମଠାରେ ଆୟୋଜିତ କାର୍ଯ୍ୟକ୍ରମକୁ କୋଣାର୍କ ଶାଖା ସମ୍ପାଦକ ସୁବାସ ଚନ୍ଦ୍ର ବରାଳ ସଂଯୋଜନା କରିଥିଲେ। ସଂସ୍କାର ଭାରତୀ ପକ୍ଷରୁ ଓଡ଼ିଶୀ ନୃତ୍ୟ, ପାରମ୍ପରିକ ଓଡ଼ିଶୀ ଭଜନ, ସୀତାର ବାଦନ, ଦେଶାତ୍ମବୋଧକ ସଙ୍ଗୀତ ସହ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେମାତରମ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା।

### ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଉଚ୍ଛେଦ ଜାରି

# ଏବେ ମଙ୍ଗୁମଠ ପାଳି, ଖାଲି ହେଲା ଆସବାବପତ୍ର

**ପୁରୀ ଅଫିସ, ୮।୧୨**

ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଉଚ୍ଛେଦ ଅଭିଯାନ ଜାରି ରହିଛି। ପୂର୍ବରୁ ଏମାର ମଠ ବ୍ୟବସାୟିକ କୋଠା ଭଙ୍ଗା ଯାଇଥିଲେ ମଧ୍ୟ ଅଳ୍ପ କିଛି ଘର ରହିଯାଇଥିଲା। ରବିବାର ଏହି ବଳକା ବ୍ୟବସାୟିକ କୋଠା ଭଙ୍ଗା ଯାଇଛି। ଶ୍ୟାମାକାଳୀ କ୍ଲବ ସହିତ ଅନ୍ୟ ୨ଟି ଦୋକାନ ଉଚ୍ଛେଦ ହୋଇଛି। ଏହାପରେ ମଙ୍ଗୁ ମଠ ପାଳି ପଡିବ। ରବିବାର ଏହି ମଠ ଜିନିଷପତ୍ର ଖାଲି କରାଯାଇଛି। ବ୍ୟବସାୟିକ ଉଦ୍ଦେଶ୍ୟରେ ମଙ୍ଗୁ ମଠରେ ଚାଲୁଥିବା ଦୋକାନ, ଲଜ୍‌ ଆଦିର ଆସବାବପତ୍ର ଖାଲି ହୋଇଥିବା ବେଳେ ସୋମବାର ଏହାକୁ ଉଚ୍ଛେଦ କରାଯିବ। କେବଳ ମଠ ଗାଦିଘର, ଠାକୁରଙ୍କ ବିଜେସ୍ଥଳୀକୁ ଛାଡି ଅନ୍ୟସବୁ ନିର୍ମାଣ ଭଙ୍ଗାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଏମାର ମଠରେ ବାକି ରହିଥିବା ବ୍ୟବସାୟିକ କୋଠା ଭାଙ୍ଗିବା ଲାଗି ସକାଳେ ପ୍ରସ୍ତୁତି ଆରମ୍ଭ କରିଥିଲା ପ୍ରଶାସନ। ୨ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉଚ୍ଛେଦ ସ୍ଥଳକୁ ବ୍ୟାରିକେଡିଂ କରାଯାଇଥିଲା। ଏହାପରେ ୨ଟି ଜେସିବି ସାହାଯ୍ୟରେ ଦୁଇମହଲା ବିଶିଷ୍ଟ ଶ୍ୟାମାକାଳୀ କ୍ଲବ ଏବଂ ୨ଟି ଦୋକାନ ଘର ଭଙ୍ଗାଯାଇଥିଲା। ଦୋକାନ ଘର ଦୁଇଟି ବିପଦସଙ୍କୁଳ ଅବସ୍ଥାରେ ଥିଲା। ଫଳରେ ୪୫ ମିନିଟ ମଧ୍ୟରେ ଉଚ୍ଛେଦ କାର୍ଯ୍ୟ ସରିଥିଲା। ଅନ୍ୟପକ୍ଷରେ ସିଂହଦ୍ୱାର ସମ୍ମୁଖ ମଙ୍ଗୁମଠ ଉଚ୍ଛେଦ ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ମଠ ମହନ୍ତଙ୍କ ସହ ମଙ୍ଗଳବାର ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ଆଲୋଚନା କରିଥିଲେ। ମଠ ଭାଙ୍ଗିବା ଲାଗି ସହମତି ପ୍ରକାଶ ପାଇବା ପରେ ଏହାକୁ ଖାଲି କରିବା ଲାଗି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ନିର୍ଦ୍ଦେଶ ମୁତାବକ ମଠରେ ଚାଲିଥିବା ଲଜ୍ ଏବଂ ଦୋକାନ ଘର ଖାଲି କରାଯାଉଛି। ଏହି ମଠରେ ୨୦ରୁ ଅଧିକ ଦୋକାନ ଘର ରହିଛି। ଚପଲ ଷ୍ଟାଣ୍ଡଠାରୁ ଆରମ୍ଭ କରି ହୋଟେଲ, ରେଷ୍ଟୁରାଣ୍ଟ, ଖଜା ଦୋକାନ ଆଦି ରହିଛି। ପୂର୍ବରୁ ଲଙ୍ଗୁଳି ମଠ, ଏମାର ମଠ ଏବଂ ବଡ ଆଖଡା ମଠ ଉଚ୍ଛେଦ ପରେ ମଙ୍ଗୁ ମଠ ଭାଙ୍ଗିବାକୁ ପ୍ରଶାସନ ପ୍ରସ୍ତୁତି ଚଳାଇଥିଲା। ଏହାକୁ ନେଇ ବିବାଦ ଉପୁଜିଥିଲା। ଏପରି କି ମଠକୁ ସୁରକ୍ଷା ଦେବା ପାଇଁ ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା। କିନ୍ତୁ ଏବେ ହାଇକୋର୍ଟଙ୍କଠାରୁ କ୍ଲିୟରାନ୍ସ ପାଇବା ପରେ ପ୍ରଶାସନ ଏହାକୁ ଭାଙ୍ଗିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି। ସୋମବାର ଏହି ମଠ ଭଙ୍ଗାଯିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ରବିବାର ଶ୍ୟାମାକାଳୀ କ୍ଲବ ଏବଂ ୨ଟି ଦୋକାନ ଉଚ୍ଛେଦ କରାଯାଇଛି। ଏହାପରେ ମଙ୍ଗୁ ମଠ ଭଙ୍ଗାଯିବ। ଏଥିସହିତ ଘରୋଇ ପ୍ଲଟରେ ମଧ୍ୟ ଉଚ୍ଛେଦ କାର୍ଯ୍ୟ ଜାରି ରହିବ ବୋଲି କହିଥିଲେ।

**ଏମାର ମଠର ବଳକା ବ୍ୟବସାୟିକ କୋଠା ଭଙ୍ଗାଗଲା**



ଶ୍ୟାମାକାଳୀ କ୍ଲବ୍‌କୁ ଭଙ୍ଗାଯାଉଛି।